# ୧୧
# ଭୀଷ୍ମଙ୍କ ଉପଦେଶ

**ସାରଳା ଦାସ**

## ୧୧.୧ କବିତାର ପୃଷ୍ଠଭୂମି

ଓଡ଼ିଆ ସାହିତ୍ୟର ଆଦି କବି ସାରଳା ଦାସଙ୍କ ମହାଭାରତର ୧୮ ଖଣ୍ଡ ପର୍ବ ମଧ୍ୟରେ ଥିବା ଶାନ୍ତି ପର୍ବରେ ଭୀଷ୍ମ ଯୁଧିଷ୍ଠିରଙ୍କୁ ଯେଉଁ ଉପଦେଶ ଦେଇଛନ୍ତି ତାହାକୁ ଏହି କବିତାରେ ଉଲ୍ଲେଖ କରାଯାଇଛି । ମହାଭାରତ ଯୁଦ୍ଧରେ କୌରବମାନେ ପରାସ୍ତ ହୋଇ ମୃତ୍ୟୁବରଣ କରିବାପରେ ପାଣ୍ଡବମାନଙ୍କ ପକ୍ଷରୁ ଯୁଧିଷ୍ଠିର ହସ୍ତିନାର ସିଂହାସନରେ ରାଜା ହେବା ପୂର୍ବରୁ ଅଭିଷେକ ପର୍ବର ଆୟୋଜନ ଚାଲିଥାଏ । ଯୁଧିଷ୍ଠିର କୃଷ୍ଣଙ୍କୁ କହିଲେ ରାଜା ହେବା ପୂର୍ବରୁ ପିତାମହ ଭୀଷ୍ମଙ୍କୁ ସାକ୍ଷାତ କରି ତାଙ୍କଠାରୁ ଉପଦେଶ ପ୍ରାପ୍ତ ହେବା ଆବଶ୍ୟକ । ତେଣୁ ଯୁଧିଷ୍ଠିର କୃଷ୍ଣଙ୍କ ସହିତ ଶରଶଯ୍ୟାରେ ଥିବା ଭୀଷ୍ମଙ୍କ ପାଖରେ ପହଞ୍ଚି ରାଜ୍ୟାଭିଷେକ ପ୍ରସଙ୍ଗ କହିଛନ୍ତି । ରାଜା ହେବାକୁ ହେଲେ ପ୍ରଜା ଓ ରାଜ୍ୟବାସୀଙ୍କ ପାଇଁ କ'ଣ କ'ଣ କରିବାକୁ ପଡ଼ିବ, କି ପ୍ରକାର ବିଚାର ବୁଦ୍ଧି ଅବଲମ୍ବନ କରିବାକୁ ପଡ଼ିବ ତାହାକୁ ଭୀଷ୍ମ ଯୁଧିଷ୍ଠିରଙ୍କୁ ପ୍ରାଞ୍ଜଳ ଭାବରେ ବୁଝେଇ ଦେଇଛନ୍ତି । ତତ୍କାଳୀନ ସାମାଜିକ ବ୍ୟବସ୍ଥାକୁ ଆଖି ଆଗରେ ରଖି ସାରଳା ଦାସ ଏଭଳି ପ୍ରସଙ୍ଗ ଉଲ୍ଲେଖ କରିଛନ୍ତି ।

## ୧୧.୨ କବିତାର ଆଭିମୁଖ୍ୟ

କବିତାର ଭାଷା ଅତି ସରଳ । ଯୁଧିଷ୍ଠିରଙ୍କୁ ଉପଦେଶ ଦେବା ଛଳରେ ଭୀଷ୍ମଙ୍କ ମୁଖରେ ସାରଳା ଦାସ ଯେଉଁ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି, ତାହା ଥିଲା ସେ ସମୟପାଇଁ ଓଡ଼ିଆ ସମାଜ ପାଇଁ ଆବଶ୍ୟକତା । ସାମାଜିକ ଶୃଙ୍ଖଳା, ଦେଶର ବିକାଶ ଓ ଲୋକମାନଙ୍କ ମନରେ ରାଜାଙ୍କ ପ୍ରତି ବିଶ୍ୱାସ ସୃଷ୍ଟି କରି ଏକତା ଆଣିବା ଥିଲା ସାରଳା ଦାସଙ୍କ ମୂଳ ଓ ମୁଖ୍ୟ ଆଭିମୁଖ୍ୟ । ଏଥିରେ ପ୍ରଶାସକମାନଙ୍କୁ ଲେଖକ ସଚେତନ କରାଇ ଦେବା ସହିତ ପ୍ରଜା ସୁଖ ପାଇଁ ରାଜାଙ୍କ କର୍ତ୍ତବ୍ୟ ସଂପର୍କରେ ଅବହିତ କରାଇ ସମାଜ ବା ଦେଶର ମଙ୍ଗଳ ଇଚ୍ଛାକୁ ପ୍ରକାଶ କରିଛନ୍ତି । ଏ କବିତା ପାଠ କରିବା ଦ୍ୱାରା ସାରଳା ଦାସ କିପରି ସମାଜ ସଂସ୍କାରକ ଓ ଦେଶପ୍ରେମୀ ଥିଲେ ତାହା ଅନୁଭୂତ ହୁଏ । ଏହା ସହିତ ସାମାଜିକ ନୈତିକତା ଓ ରାଜଧର୍ମର ମୂଲ୍ୟବୋଧ ସଂପର୍କରେ ଓଡ଼ିଆମାନଙ୍କୁ ଅବଗତ କରାଇଛନ୍ତି ।

## ୧୧.୩ ମୂଳ ପାଠ

ବୈବସ୍ୱତ ମନୁ ଆଗେ ବଦନ୍ତି ଅଗସ୍ତି
କୃଷ୍ଣ ସଙ୍ଗେ ଗଲେ ପାଣ୍ଡବ ପାଞ୍ଚମୂର୍ତ୍ତି ॥
ଏଥୁ ଅନନ୍ତରେ ଯେ ବୋଇଲେ ଜନାର୍ଦ୍ଦନ
ଅଭିଷେକ ବିଧିମାନ କର ଆୟୋଜନ ॥
ଶୁଣି ଯୁଧିଷ୍ଠିର ବୋଇଲେ ହେ ଦେବ ହରି
ଭୀଷ୍ମଙ୍କ କହିଲେ ସିନା ରାଜା ହୋଇପାରି ॥

# ଭୀଷ୍ମଙ୍କ ଉପଦେଶ





ଟିପ୍ପଣୀ

ତହୁଁ ଭୀଷ୍ମଙ୍କ ପାଖକୁ କଲେ ଯେ ଗମନ
ସୈନ୍ୟ ସଖା ନାହିଁ କେହି ସେହି ଷଡ଼ଜଣ ॥
ଯହିଁ ଭୀଷ୍ମଦେବ କରିଥିଲେ ଶରଶଯ୍ୟା
ସେଠାରେ ପ୍ରବେଶ ଯାଇଂ ହେଲେ ଧର୍ମରାଜା ॥
ଭୀଷ୍ମ ଆଗରୁ ଆଚରିଥିଲେ ମୌନବ୍ରତ
ଯୁଧିଷ୍ଠିଙ୍କି ଦେଖି ପୁଣି ଫିଟାଇଲେ ନେତ୍ର ॥
ଭୀଷ୍ମଦେବ କହିଲେ ଯେ ଯୁଧିଷ୍ଠିକି ଚାହିଁ
ସୁଖେ ନିଷ୍କଣ୍ଟକ ରାଜ୍ୟ କର ବାବୁ ଯାଇଂ ॥
କିପାଇଂ ହୋ ଧର୍ମରାଜା ଅଇଲୁ ମୋ ପାଶ
ବଦନ୍ତି ଯୁଧିଷ୍ଠି ଶୁଣ କୁରୁକୁଳ ଈଶ ॥
ଆମ୍ଭ ହିତେ ଦେବ ତୁମ୍ଭେ ତେଜିଲ ଜୀବନ
ତ୍ରିଭୁବନେ କିଏ ଅଛି ତୁମ୍ଭଙ୍କୁ ସମାନ ॥
ଯୁଝିଥିଲେ ତୁମ୍ଭଙ୍କୁ ଜିଣନ୍ତା ଅବା କିଏ
ଆମ୍ଭଙ୍କୁ ତୁମ୍ଭର ସଦା ଚିତ୍ତେ ଦୟା ଥାଏ ॥
ପ୍ରଥମ ଯୁଦ୍ଧ ଯେ ଆଜ୍ଞା ଦେଇଥିଲ ଦେବ
ଶତ୍ରୁ ମାରି ପଞ୍ଚକଟକରେ ରାଜା ହେବ ॥
ମହତ ବଚନ କେଭେଂ ନୁହଇ ଅନ୍ୟଥା
ହସିଲେ ଯେ ଭୀଷ୍ମ ଶୁଣି ଯୁଧିଷ୍ଠିର କଥା ॥
ଦ୍ରହସିତ ହୋଇ ଭୀଷ୍ମ ଦିଅନ୍ତି ଉତ୍ତର
ଏବେ ନିଷ୍କଣ୍ଟକ ହେଲା ସୁଖେ ରାଜ୍ୟ କର ॥
ନାନା ଉପଭୋଗ କର ସୁଖେ ରାଜା ହୋଇ
ଶ୍ରୀକୃଷ୍ଣ ପ୍ରସନ୍ନେ ତୋତେ କିଛି ଭୟ ନାହିଁ ॥
ନିପାତ ହୋଇଲେ ଏବେ ଧୃତରାଷ୍ଟ୍ର ପୁତ୍ରେ
ଏହା ହେବ ବୋଲି ସନ୍ଦେହ ନ ଥିଲା ମୋ ଚିତ୍ତେ ॥
ଧର୍ମ ପ୍ରତିପାଳି ସୁଖେ ରାଜ୍ୟ କର ଯାଇଂ
ଅଧର୍ମ କଲେଟି ସହି ନ ପାରଇ ମହୀ ॥
ଏପରି ପ୍ରଜା ପାଳିବୁ ନୋହିବ କେ ଦୁଃଖୀ
ପ୍ରଜା ରକ୍ଷାକଲେ ସେ ରାଜା ଅଟେ ସୁଖୀ ॥
ରାଜ୍ୟ ପ୍ରତିପାଳନେ ସିନା ଇନ୍ଦ୍ର କରେ ବୃଷ୍ଟି
ରାଜାର ପାଳନେ ସିନା ରକ୍ଷାହୁଏ ସୃଷ୍ଟି ॥
ପ୍ରଜାଙ୍କୁ ପାଳିବା ଅଟେ ରାଜାର ଯେ ବିଧି
ପ୍ରଜା ସୁଖେ ଥିଲେ ସେ ରାଜାର ସର୍ବସିଦ୍ଧି ॥

ଦୋଷାଦୋଷ ବିଚାର କରିଣ ଦଣ୍ଡ ଦେବୁ
ଦେଖି ତାହା ସୁଖୀ ହେବେ ପ୍ରଜାମାନେ ସବୁ ॥
ଘର ବରଗି ଦେଖିବୁ ବିଧି କି ଅବିଧି
ଯେ କରେ ସଦା ଅବିଧି ପକାଇବୁ ଛେଦି ॥
ଦୋଷୀକି ଦଣ୍ଡିଲେ ତୋତେ ନ ଲାଗିବ ଦୋଷ
ତେବେ ଲକ୍ଷ୍ମୀ ନିଶ୍ଚଳେ ରହିବେ ତୋର ଦେଶ ॥
କୋଡ଼ିଏ ହାତରେ ଯେ କରିବୁ ନଳକାଠି
ପଚିଶ ଗୁଣ୍ଠରେ ମାଣେ ବିଂଶ ମାଣେ ବାଟି ॥
ବାଟିକର ଚିନାଏ ଯେ ଘେନିଥିଲେ ସଞ୍ଜା
ଆମ୍ଭ ଆୟୁ ଘେନି ବଞ୍ଚ ବୋଲିବେ ଯେ ପ୍ରଜା ॥
ପ୍ରଜା ସୁଖେ ଶୁଭେ ଯାର ଜୟ ଜୟଧ୍ୱନି
ଯମ ତାକୁ ଦଣ୍ଡି ନ ପାରଇ ପ୍ରାଣ ଘେନି ॥
ରାଜ୍ୟ କଳି ନିବାରଣେ ଭାଇଙ୍କି ପେଷିବୁ
ରାଜ୍ୟର ଖବର ତିନିବାର ବୁଝୁଥିବୁ ॥
ଉତ୍ତମ ଲୋକ ଦେଖିଣ ମନ୍ତ୍ରୀ ଯେ କରିବୁ
କିନ୍ତୁ ତାର ହାତେ ଦଣ୍ଡବିଧି ଯେ ନ ଦେବୁ ॥
କୃଷିକାରୀକି ଯେ ଧନଦ୍ୱାରା ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ॥
ଛୋଟ ଘୋଡ଼ା ଦେବୁ ବୃଦ୍ଧ ରାଉତର ହାତେ
ପଚାଶ ବର୍ଷ ପଦାତି କରିଥିବୁ ନିତ୍ୟେ ॥
ସତର ବରଷର ହୋଇଥିବ ସେ ଗଜ
ବଳିଷ୍ଠ ମାହୁନ୍ତ ତାକୁ କରୁଥିବ ସଜ ॥
ଅଶ୍ୱ ଗଜ ପଦାତି ନିରତେ ସାଜିଥିବୁ
ବେଳା ଅନୁସାରେ ଅବକାଶ ଯେ କରିବୁ ॥
ବ୍ରାହ୍ମଣ ମୁଖରୁ ଯେ ପୁରାଣ ଶୁଣୁଥିବୁ
ନାରୀମାନଙ୍କୁ କଦାଚ ବିଶ୍ୱାସ ନ ଯିବୁ ॥
ଅସୁର ଭୋଗ-ତୀର୍ଥରେ ସ୍ନାନ ନ କରିବୁ
ଧନ ସଞ୍ଚିବାକୁ ସଦା ଲୋଭି ଯେ ନୋହିବୁ ॥
ବେଳ କାଳ ଜାଣି ଧନ ପ୍ରଜାଙ୍କୁ ଯେ ଦେବୁ
ଅନ୍ଧାରି ବିଜେ ନ କରି ବିଶ୍ୱାସ ନ ଯିବୁ ।।
ପାରିଧିକି ବରାବର ନ ତେଜିବୁ ରାଜା
ବେଦ ବ୍ରାହ୍ମଣଙ୍କୁ ନିତି କରୁଥିବୁ ପୂଜା ॥

ଧାର୍ମିକଙ୍କୁ କରାଇବୁ ବ୍ରତ ଏକାଦଶୀ
ବିଦେଶୀ ଦୂତଙ୍କୁ ନଗ୍ରେ ନ ଦେବୁ ଯେ ପଶି ॥
ପର ଦାରା ପର ଧନେ ଲୋଭୀ ଯେ ନୋହିବୁ
ବିବାହିତ ନାରୀ ସଙ୍ଗ କେବଳ କରିବୁ ॥
ଯଥା ଯଜ୍ଞ କରି ଦେଉଥିବୁ ଯେ ଆହୁତି
ଦଣ୍ଡ ବିହିବୁ ଯେ ଉପଗତ ଶତ୍ରୁ ପ୍ରତି ॥
ଦୁଷ୍ଟ ଦାନବ ଦେଖିଲେ କରିବୁ ବିନାଶ
ତହିଁରେ ରାଜାକୁ ଲେଶ ମାତ୍ର ନାହିଁ ଦୋଷ ॥
ପର ଦାରା ଧନ ନ କରିବୁଟି ହରଣ
ରଖିବୁ ଯେ ବିକଳରେ ପଶିବ ଶରଣ ॥
ବିଶ୍ୱାସୀ ମନ୍ତ୍ରୀକି ରାଜ୍ୟଭାର ସମର୍ପିବୁ
ସମୁଦାୟ ଅଧିକାର କେବେହେଁ ନ ଦେବୁ ॥
କଷ୍ଟ ଯେପରି ନ ପାନ୍ତି ଗୋରୁ ଯେ ବ୍ରାହ୍ମଣେ
ଏ କଥାକୁ ସଦା ରଖିଥିବୁ ସାବଧାନେ ॥
ତୀର୍ଥ ଅନ୍ନଛତ୍ର ଦେଉଥିବୁ ହୋ ନୃପତି
ସ୍ଥାନ ଅନୁରୂପେ ରଖିଥିବୁ ସେନାପତି ॥
ଗଜ ଅଶ୍ୱ ନିମନ୍ତେ ଯେ ଦେଇଥିବୁ ଧନ
ଗୋଚର କରି ବହୁତ ଛାଡ଼ିଦେବୁ ସ୍ଥାନ ॥
ଗୁଣ ଜାଣି ଲୋକଙ୍କୁ ଯେ କରୁଥିବୁ ପୂଜା
କବିଙ୍କଠାରେ କୃପଣ ନୋହିବୁ ହେ ରାଜା ॥
ଏ ବିଧିରେ କହି ଭୀଷ୍ମ ରାଜବିଧିମାନ
ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁଲେ ବହନ ॥

## ୧୧.୪ କବିତାର ସାରାଂଶ

କୃଷ୍ଣଙ୍କ ସହିତ ଯୁଧିଷ୍ଠିର ରାଜ୍ୟାଭିଷେକ ପୂର୍ବରୁ ପିତାମହ ଭୀଷ୍ମଙ୍କ ପାଖରେ ପହଞ୍ଚିଛନ୍ତି । ଯୁଧିଷ୍ଠିରଙ୍କୁ ଦେଖି ଭୀଷ୍ମ କହିଛନ୍ତି ଏବେ ସେ ନିଷ୍କଣ୍ଟକ ରାଜ୍ୟ ଶାସନ କରି ପାରିବେ । କାରଣ ଅଧର୍ମୀ କୌରବମାନେ ଯୁଦ୍ଧରେ ନିହତ ହେବା ପରେ ଆଉ ବିରୋଧ କରିବାକୁ କେହି ନାହାନ୍ତି । ମାତ୍ର ରାଜ୍ୟ ଶାସନ କଲାବେଳେ କେତେକ କଥାକୁ ଗୁରୁତର ସହିତ ବିଚାର କରି ରାଜ୍ୟ ଶାସନ କରିବାକୁ ହେବ । କାରଣ ପ୍ରଜା ସୁଖରେ ରହିଲେ ରାଜାଙ୍କର ସର୍ବସିଦ୍ଧି ହୁଏ ଏବଂ ରାଜାଙ୍କ ଯଶ ଗୌରବ ବୃଦ୍ଧି ହୁଏ । ତେଣୁ ଭୀଷ୍ମ ଦେଇଥିବା ଉପଦେଶ ଗୁଡ଼ିକ ମଧ୍ୟରେ ରହିଛି ଯେ ଏପରିଭାବେ ପ୍ରଜାଙ୍କୁ ପାଳନ କରାଯିବ ଯେପରି କୌଣସି ପ୍ରଜା ଦୁଃଖରେ କାଳ କାଟିବେ ନାହିଁ । ପ୍ରଜାମାନଙ୍କୁ ଠିକ୍ ଭାବରେ ପ୍ରତିପାଳନ କରିପାରିଲେ ଇନ୍ଦ୍ର ବୃଷ୍ଟି କରିବ ଏବଂ ସୃଷ୍ଟି ରକ୍ଷା ହୋଇପାରିବ । ଦୋଷାଦୋଷ ବିଚାର କରିବା ପରେ ଦଣ୍ଡ ବ୍ୟବସ୍ଥା କରିବାକୁ ପଡ଼ିବ, ତା

ପୂର୍ବରୁ ନୁହେଁ । ଯେଉଁମାନେ ରାଜାଙ୍କ ପ୍ରଣୀତ ନିୟମକାନୁନ ନମାନିବେ ସେମାନଙ୍କୁ ଦଣ୍ଡବିଧାନ କରିବାକୁ ପଶ୍ଚାତପଦ ହେବା ଉଚିତ ନୁହେଁ । ଦୋଷୀକୁ ଦଣ୍ଡ ବିଧାନ କରିବା ପାପ ନୁହେଁ ।

କୃଷକ ବା ଚାଷୀମାନଙ୍କ ସୁବିଧା ପାଇଁ ଜମି ମାପର ବ୍ୟବସ୍ଥା କରାଯିବ । ତାଙ୍କ ପାଇଁ ସ୍ୱଳ୍ପ କର ବା ଖଜଣା ବ୍ୟବସ୍ଥା କରାଯିବ ଯେପରି ଏହା ତାଙ୍କୁ ବାଧିବ ନାହିଁ ।

ରାଜ୍ୟର ଖବର ଦିନରେ ତିନି ଥର ବୁଝିବାକୁ ପଡ଼ିବ । ଉତ୍ତମ ଲୋକ ଦେଖି ମନ୍ତ୍ରୀ ପଦ ଦିଆଯିବ । ମାତ୍ର ମନ୍ତ୍ରୀ ଦ୍ୱାରା କାହାକୁ ଦଣ୍ଡ ବିଧାନର ବ୍ୟବସ୍ଥା ନରହିବା ଉଚିତ । କୃଷକକୁ ଧନ ଦ୍ୱାରା କେବେ ଦଣ୍ଡ ଦିଆଯିବ ନାହିଁ । ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କ୍ଷମା ଦିଆଯିବା ଉଚିତ । ବୃଦ୍ଧ ରାଉତକୁ ଛୋଟ ଘୋଡ଼ା ଦିଆଯିବ । ପଚାଶ ବର୍ଷ ପର୍ଯ୍ୟନ୍ତ ପଦାତିକ ସୈନ୍ୟଙ୍କୁ ରଖାଯିବ । ଯେଉଁ ଗଜ ବା ହସ୍ତୀ ରହିବେ ସେମାନଙ୍କ ବୟସ ୧୭ ବର୍ଷରୁ ଅଧିକ ହୋଇ ନଥିବ । ତାହାକୁ ବଳିଷ୍ଠ ମାହୁନ୍ତ ହାତରେ ଦେବାକୁ ପଡ଼ିବ । ବ୍ରାହ୍ମଣମାନଙ୍କ ମୁଖରୁ ପୁରାଣ ଶୁଣିବା ସହିତ ନାରୀମାନଙ୍କୁ କୌଣସି କ୍ଷେତ୍ରରେ ବିଶ୍ୱାସ କରିବା ଉଚିତ ହେବ ନାହିଁ । ଧନ ସଂଚୟ କରିବା କ୍ଷେତ୍ରରେ ଲୋଭ କରିବା ଉଚିତ ନୁହେଁ । ଅନ୍ଧାରୀ ବିଜେ କରି ପ୍ରଜାଙ୍କ ସୁଖ ଦୁଃଖ ବୁଝିବାକୁ ପଡ଼ିବ । ଦେବତା ବ୍ରାହ୍ମଣଙ୍କୁ ନିତି ପୂଜା କରିବାକୁ ହେବ । ବିଦେଶୀ ଦୂତକୁ ନଗ୍ରରେ ପୂରେଇ ନଦେବାର ବ୍ୟବସ୍ଥା ରଖିବ । ପରଧନ ଓ ପରସ୍ତ୍ରୀ ପ୍ରତି ଲୋଭ କରିବ ନାହିଁ । ଯଜ୍ଞ କରି ଆହୂତି ପ୍ରଦାନ କରିବ । ଶତ୍ରୁ ପ୍ରତି  କେବେ କୋହଳ ମନୋଭାବ ପୋଷଣ କରିବ ନାହିଁ । ବିଶ୍ୱାସୀ ମନ୍ତ୍ରୀକୁ ରାଜ୍ୟଭାର ଦିଆଯାଇ ପାରେ ମାତ୍ର ସମୁଦାୟ ଅଧିକାର ଦେବା ଉଚିତ ନୁହେଁ । ଗୋରୁ, ବ୍ରାହ୍ମଣ ଯେପରି କଷ୍ଟ ନ ପାଆନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ତୀର୍ଥ କ୍ଷେତ୍ରରେ ଅନ୍ନଛତ୍ରର ବ୍ୟବସ୍ଥା ଓ ଗୋରୁମାନଙ୍କ ପାଇଁ ଗୋଚର ବ୍ୟବସ୍ଥା ରଖିବା ନିହାତି ଆବଶ୍ୟକ । ଗୁଣୀଜନଙ୍କୁ ପୂଜା କରିବା ସହିତ କବିମାନଙ୍କ ପ୍ରତି କେବେ କୃପଣ ଭାବ ପୋଷଣ ନ କରିବାକୁ ଭୀଷ୍ମ ଉପଦେଶ ଦେଇଛନ୍ତି । ସାମାଜିକ ଶୃଙ୍ଖଳା, ସମୃଦ୍ଧି ଓ ସୁଖଶାନ୍ତି ପାଇଁ ଭୀଷ୍ମଙ୍କ ଉପଦେଶଗୁଡ଼ିକ ଖୁବ୍ ଉପାଦେୟ ।

## ୧୧.୫ କବି ପରିଚୟ

କବି ସାରଳା ଦାସ ୧୫ଶ ଶତାବ୍ଦୀର କବି । ସେ ଓଡ଼ିଶାର ଗଜପତି କପିଳେନ୍ଦ୍ର ଦେବଙ୍କ ସମସାମୟିକ । ବର୍ତ୍ତମାନର ଜଗତସିଂହପୁର ଜିଲ୍ଲାର ଝଙ୍କଡ଼ ହେଉଛି ତାଙ୍କ ଜନ୍ମସ୍ଥାନ । ସେ ଦେବୀ ସାରଳାଙ୍କ ଭକ୍ତ ଥିଲେ । ତାଙ୍କର ପ୍ରକୃତ ନାମ ଥିଲା ସିଦ୍ଧେଶ୍ୱର ପରିଡ଼ା । ପରେ ମା' ସାରଳାଙ୍କ ଭକ୍ତ ହେବାପରେ ନିଜର ନାମ ସାରଳା ଦାସ ରଖିଥିଲେ । ସାରଳା ଦାସଙ୍କୁ ଆଦିକବି ସାରଳା ଦାସ କୁହାଯାଏ । ଶୂଦ୍ର ମୁନି ସାରଳା ଦାସ ନାମରେ ମଧ୍ୟ ସେ ଓଡ଼ିଆ ସାହିତ୍ୟରେ ପରିଚିତ । ତାଙ୍କର ସୃଷ୍ଟି ମଧ୍ୟରେ ଅଛି - ଚଣ୍ଡୀ ପୁରାଣ, ବିଲଙ୍କା ରାମାୟଣ ଓ ମହାଭାରତ । ସେ ସଂସ୍କୃତ ମହାଭାରତକୁ ଅନୁବାଦ ନ କରି ସେହି ଶୈଳୀରେ ଓଡ଼ିଆ ଭାଷାରେ ମହାଭାରତ ରଚନା କରିଛନ୍ତି ଯାହା ସାରଳା ମହାଭାରତ ନାମରେ ଖ୍ୟାତ ।

## ୧୧.୬ କଠିନ ଶବ୍ଦାର୍ଥ

| | |
|---|---|
| ବୈବସ୍ୱତ-ସପ୍ତମ ମନୁ । | ମନୁ-ଧର୍ମ ଶାସ୍ତ୍ର ସଂହିତାକାର ମୁନିବିଶେଷ । |
| ବଦନ୍ତି-କୁହନ୍ତି । | ବିଧି-ନିୟମ । |

## ଭୀଷ୍ମଙ୍କ ଉପଦେଶ

ଭୀଷ୍ମକ-ଭୀଷ୍ମ ।
ଧର୍ମରାଜା-ଯୁଧିଷ୍ଠିର ।
ମୌନ-ନୀରବତା ।
ନିଷ୍କଣ୍ଟକ-ନିର୍ବିଘ୍ନ, ଶତ୍ରୁଶୂନ୍ୟ, ବାଧାଶୂନ୍ୟ ।
କୁରୁକୁଳ-ଈଶ-କୌରବ ବଂଶର ଶ୍ରେଷ୍ଠ (ଭୀଷ୍ମ) ।
ଯୁଝିଥିଲେ-ଯୁଦ୍ଧ କରିଥିଲେ ।
ପଞ୍ଚ କଟକ-ପାଞ୍ଚୋଟି ନଗର
(ଇନ୍ଦ୍ରପ୍ରସ୍ଥ, ଯମପ୍ରସ୍ଥ, ବାରୁଣାବନ୍ତ, ହସ୍ତିନା, ଜୟନ୍ତୀ)
ପ୍ରସନ୍ନ-ସନ୍ତୁଷ୍ଟ ।
ମହୀ-ପୃଥିବୀ ।
ଦୋଷାଦୋଷ-ଦୋଷଗୁଣ ।
ବରଗି - ପଠାଇ ।
ନଳକାଠି-୨୦ ହାତ ପରିମାପକ ଦଣ୍ଡ ।
(୧ ବାଟି=୨୦ ମାଣ, ୧ ମାଣ=୨୫ ଗୁଣ୍ଠ ନଳକାଠି) ।
ବିଂଶ-କୋଡ଼ିଏ ।
ଘେନିଥିଲେ-ନେଇଥିଲେ ।
ପାଶ-ଫାଶ, ଦଉଡ଼ି ।
ପେଷିବୁ-ପଠାଇବୁ ।
ରାଉତ-ଅଶ୍ୱାରୋହୀ ।
ନିତ୍ୟେ-ସବୁବେଳେ ।
ଅଶ୍ୱ-ଘୋଡ଼ା ।
ଅବକାଶ-ଅବସର ।
ଅସୁର-ଭୋଗ-ତୀର୍ଥରେ-ଅସୁରଙ୍କ ପ୍ରାଧାନ୍ୟ ଥିବା ତୀର୍ଥ ।
ସଞ୍ଚିବାକୁ-ରଖିବାକୁ, ଜମା କରିବାକୁ ।
ପାରିଧି-ଶିକାର ।
ଦାରା-ସ୍ତ୍ରୀ ।
ଉପଗତ-ଉପସ୍ଥିତ ।
ବିନାଶ-ମୃତ୍ୟୁ ।
ହରଣ-ଚୋରି ।
ସମର୍ପିବୁ-ଦେବୁ ।
ନୃପତି-ରାଜା ।
ଗୋଚର-ଗୋରୁ ଚରିବା ନିମିତ୍ତ ଜମି ।

ଷଡ଼ଜଣ-ଛ'ଜଣ ।
ଆଚରି ଥିଲେ-ଆଚରଣ କରିଥିଲେ ।
ନେତ୍ର-ଆଖି ।
ପାଶ-ପାଖକୁ ।
ତେଜିଲ-ଛାଡ଼ିଲ ।
ସଦା-ସବୁବେଳେ ।
ଦ୍ରୁହସିତ-ଅଳ୍ପ ହସି ।
ନିପାତ - ନିଧନ, ମୃତ୍ୟୁ ।
ସିଦ୍ଧି-ସଫଳତା ।
ଚାର-ଗୁପ୍ତଦୂତ, ସମ୍ବାଦବାହକ ।
ଛେଦିବା-କାଟିବା ।
ଚିନାଏ-ଆଂଶିକା ।
ସଞ୍ଜା-ରାଜସ୍ୱ ।
ନିବାରଣେ-ଶେଷ କରିବାପାଇଁ ।
କୃଷିକାରୀ-କୃଷକ, ଚାଷୀ ।
ପଦାତି-ପଦାତିକ ।
ଗଜ-ହାତୀ ।
ନିରତେ-ସଦାବେଳେ ।
କଦାଚ-କେବେହେଲେ ।
ସ୍ନାନ-ଗାଧୋଇବା ।
ଅନ୍ଧାର ବିଜେ-ରାଜାଙ୍କ ରାତ୍ରି ଭ୍ରମଣ ।
ତେଜିବୁ-ଛାଡ଼ିବୁ ।
ଆହୂତି-ହୋମ ନିଆଁରେ ଘିଅ ଢାଳିବା ।
ଦାନବ-ରାକ୍ଷସ ।
ଲେଶ-ଅଳ୍ପ ।
ଶରଣ-ଆଶ୍ରୟ ।
ଅନ୍ନଛତ୍ର-ମାଗଣାରେ ଖାଦ୍ୟଦାନ ।
ଅନୁରୂପେ-ଅନୁସାରେ ।
ବହନ - ଶୀଘ୍ର ।

## ୧୧.୭ ଭାବ ଅବବୋଧ

କ) ରାଜ୍ୟ ପ୍ରତିପାଳନେ ସିନା ଇନ୍ଦ୍ର କରେ ବୃଷ୍ଟି
ରାଜାର ପାଳନେ ସିନା ରକ୍ଷାହୁଏ ସୃଷ୍ଟି ।

ରାଜା ଯଦି ସ୍ୱରାଜ୍ୟର ପ୍ରଜାମାନଙ୍କୁ ସୁଖରେ ପାଳନ କରେ, ତାହେଲେ ପ୍ରଜାମାନଙ୍କ ସୁଖରେ ଖୁସି ହୋଇ ଇନ୍ଦ୍ର ରାଜ୍ୟରେ ବୃଷ୍ଟି କରିଥାଏ । ଯାହା ଫଳରେ ଶସ୍ୟ ଭାରରେ ରାଜ୍ୟ ପୂର୍ଣ୍ଣ ହୁଏ । କାହାର ଅଭାବ ପଡ଼େ ନାହିଁ ବୋଲି ଧର୍ମୀୟ ବିଶ୍ୱାସ ରହିଛି । ପ୍ରଜା ପାଳନକୁ ଗୁରୁତ୍ୱ ଦିଆଯାଇଛି ।

ଖ) ଦୋଷୀକୁ ଦଣ୍ଡିଲେ ନ ଲାଗିବ ଦୋଷ
ତେବେ ଲକ୍ଷ୍ମୀ ନିଶ୍ଚଳେ ରହିବେ ତୋର ଦେଶ ।

ଭୀଷ୍ମ ଯୁଧିଷ୍ଠିରଙ୍କୁ ଉପଦେଶ ଦେଲାବେଳେ କହିଛନ୍ତି ଯେ ରାଜା ଦୋଷୀଙ୍କୁ ଦଣ୍ଡ ପ୍ରଦାନ କଲେ ତାଙ୍କୁ କୌଣସି ଦୋଷ ଲାଗିବ ନାହିଁ । କାରଣ ଅପରାଧୀମାନଙ୍କ ଯୋଗୁ ରାଜ୍ୟର ଓ ରାଜ୍ୟବାସୀଙ୍କର ବହୁତ କ୍ଷତି ହୋଇଥାଏ । ତେଣୁ ରାଜ୍ୟର ମଙ୍ଗଳ ପାଇଁ ଏହା କଲେ ଦୋଷ ଅପେକ୍ଷା ପୁଣ୍ୟ ପ୍ରାପ୍ତ ହେବ ଏବଂ ଲକ୍ଷ୍ମୀ ରାଜ୍ୟରେ ରହିବା ଯୋଗୁ ଧନଧାନ୍ୟରେ ରାଜ୍ୟ ପୂରି ଉଠିବ । କାହାର ଅଭାବ ରହିବ ନାହିଁ ।

ଗ) ପ୍ରଜା ସୁଖେ ଶୁଭେ ଯା'ର ଜୟ ଜୟ ଧ୍ୱନି
ଯମ ତାକୁ ଦଣ୍ଡି ନ ପାରଇ ପ୍ରାଣ ଘେନି ।

ପ୍ରଜାଙ୍କୁ ସୁଖରେ ରଖିବା ହେଉଛି ରାଜାର ପ୍ରଧାନ କର୍ତ୍ତବ୍ୟ । ନିଜ ସୁଖ ଅପେକ୍ଷା ପ୍ରଜାଙ୍କ ସୁଖ ଆଗ । ଯେଉଁ ରାଜ୍ୟରେ ପ୍ରଜାମାନେ ସୁଖରେ ଅଛନ୍ତି ବୋଲି ଚାରିଆଡ଼େ ଜୟ ଜୟକାର ଧ୍ୱନି ଶୁଭେ, ସେ ରାଜ୍ୟକୁ ଯମ ଆସିପାରେ ନାହିଁ କି ମୃତ୍ୟୁ ଦଣ୍ଡ ଦେଇ ପାରେ ନାହିଁ । ତେଣୁ ଶାସ୍ତ୍ରରେ ଅଛି ପ୍ରଜାସୁଖ ଘେନି ରାଜ୍ୟରେ ସୁଖ ଶାନ୍ତି ଓ ଆନନ୍ଦ ବିରାଜମାନ କରେ ।

ଘ) କୃଷିକାରୀକି ଯେ ଧନଦ୍ୱାରା ନ ଦଣ୍ଡିବୁ
ନିର୍ଦ୍ଦୋଷୀ ଦେଖିଲେ ତାକୁ କ୍ଷମା ଯେ କରିବୁ ।

କୃଷି ଓ କୃଷକର ଉନ୍ନତି ନହେଲେ ଦେଶର ସମୃଦ୍ଧି ହୋଇ ପାରିବ ନାହିଁ । ଭାରତ ଏକ କୃଷିପ୍ରଧାନ ଦେଶ । ଭୀଷ୍ମଙ୍କ ମୁଖରେ ସାରଳା ଦାସ କୃଷକମାନଙ୍କୁ ଧନ ବା ଅର୍ଥ ଦଣ୍ଡ ନ ଦେବାକୁ ଉପଦେଶ ଦେଇଛନ୍ତି । କୃଷକଙ୍କ ପାଖରୁ ସ୍ୱଳ୍ପ କର ଆଣିଲେ ତାଙ୍କ କୃଷିକାର୍ଯ୍ୟରେ ଏହାର କୁପ୍ରଭାବ ପଡ଼ିବ ନାହିଁ ।

ଅନ୍ୟ ପକ୍ଷରେ କୌଣସି ବ୍ୟକ୍ତି କୌଣସି ଘଟଣାରେ ଦୋଷମୁକ୍ତ ବା ନିର୍ଦ୍ଦୋଷ ହେଲେ ତା'ପ୍ରତି କେବଳ କୋହଳ ମନୋଭାବ ନୁହେଁ, ତାକୁ କ୍ଷମା ପ୍ରଦାନ କରିବା ଉଚିତ ।

## ୧୧.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

୧) ଜଣେ ଆଦର୍ଶ ରାଜା ହେବା ପାଇଁ ଭୀଷ୍ମ ଯୁଧିଷ୍ଠିରଙ୍କୁ କି କି ଉପଦେଶମାନ ପ୍ରଦାନ କରିଥିଲେ ?

୨) ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜ୍ୟପାଳନ ପାଇଁ କାହିଁକି ଉପଦେଶ ଦେଇଥିଲେ ?

୩) ଭୀଷ୍ମଙ୍କ ଉପଦେଶ ଗୁଡ଼ିକର କି ମହତ୍ତ୍ୱ ରହିଛି ବିଚାର କର ।

୪) ସାମାଜିକ ପରିପ୍ରେକ୍ଷୀରେ ଭୀଷ୍ମଙ୍କ ଉପଦେଶର ଉପାଦେୟତା ବିଚାର କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) ଯୁଧିଷ୍ଠିର କାହିଁକି ଭୀଷ୍ମଙ୍କ ପାଖକୁ ଯିବାକୁ ମନସ୍ଥ କଲେ ?

ଖ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ?

ଗ) ଯୁଧିଷ୍ଠିରଙ୍କ କେଉଁ କଥା ଶୁଣି ଭୀଷ୍ମ ହସିଲେ ?

ଘ) ଇନ୍ଦ୍ର କାହିଁକି ବୃଷ୍ଟି କରେ ଏବଂ ସୃଷ୍ଟି ରକ୍ଷା ହୁଏ ?

ଙ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜମାନ କରିବେ ?

## ୧୧.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -**

କ) ଅଭିଷେକ ଆୟୋଜନ କରିବାକୁ କୃଷ୍ଣ ...............ଙ୍କୁ କହିଥିଲେ ।
(ଭୀମ, ନକୁଳ, ଅର୍ଜୁନ, ଯୁଧିଷ୍ଠିର)

ଖ) ଅଭିଷେକ ପୂର୍ବରୁ ଯୁଧିଷ୍ଠିର .................ଙ୍କ ପାଖକୁ କୃଷ୍ଣଙ୍କ ସହିତ ଯାଇଥିଲେ ।
(ଦ୍ରୋଣ, କୁନ୍ତୀ, ଧୃତରାଷ୍ଟ୍ର, ଭୀଷ୍ମ)

ଗ) ଭୀଷ୍ମ ...................ଙ୍କ କଥା ଶୁଣି ହସିଲେ ।
(ଭୀମ, ଅର୍ଜୁନ, କୃଷ୍ଣ, ଯୁଧିଷ୍ଠିର)

ଘ) .................... ବିଚାର କରି ଦଣ୍ଡ ଦେବୁ ବୋଲି ଭୀଷ୍ମ କହିଥିଲେ ।
(ସୁଖ ଦୁଃଖ, ପାପ ପୁଣ୍ୟ, ଦୋଷାଦୋଷ)

ଙ) ...................... ସୁଖରେ ଥିଲେ ଯମ ରାଜାଙ୍କ ପ୍ରାଣ ନେଇ ପାରେନା ।
(ପ୍ରଜା, ପଶୁ, ଗଜ, ଯୋଗ)

ଚ) .................. ଙ୍କୁ କେବେ ହେଲେ ଧନଦ୍ୱାରା ଦଣ୍ଡିତ କରାଯିବା ଉଚିତ ନୁହେଁ ।
(ଶ୍ରମିକ, ମାହୁନ୍ତ, ସେନାବାହିନୀ, କୃଷକ)

ଛ) ଉତ୍ତମ ଲୋକ ଦେଖି ..................... କରିବୁ ।
(ମନ୍ତ୍ରୀ, ସେନାପତି, ରାଜା)

ଜ) .....................କୁ ବୃଦ୍ଧ ରାଉତର ହାତେ ଦେବୁ ।
(ଛୋଟ ଘୋଡ଼ା, ହାତୀ, ରଥ)

## ୧୧.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ସିଂହାସନ ଆରୋହଣ କରିବା ପାଇଁ ଅଭିଷେକର ଆୟୋଜନ କରିବାକୁ ଯେତେବେଳେ ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ ଆଦେଶ ଦେଲେ ସେତେବେଳେ ଯୁଧିଷ୍ଠିର କୃଷ୍ଣଙ୍କୁ କହିଲେ ଭୀଷ୍ମଙ୍କୁ ନ କହି ସେ କିପରି ଅଭିଷେକ ହେବେ । ତେଣୁ ସେ ଭୀଷ୍ମଙ୍କ ପାଖକୁ ଯିବାକୁ ମନସ୍ଥ କଲେ ଏବଂ ଗଲେ ।

ଖ) ଭୀଷ୍ମ ଯୁଧିଷ୍ଠିରଙ୍କୁ ଦେଖି ନିଷ୍କଣ୍ଟକ ରାଜ୍ୟ ଶାସନ କରିବାକୁ କହିଲେ । କାରଣ କୌରବମାନେ ଯୁଦ୍ଧରେ ନିହତ ହୋଇ ସାରିଥିଲେ ।

ଗ) ପାଣ୍ଡବମାନଙ୍କ ହିତ ପାଇଁ ଭୀଷ୍ମ ଏପରି ଦୁରବସ୍ଥା ଭୋଗ କରିଛନ୍ତି ବୋଲି ଯୁଧିଷ୍ଠିର ମତ ଦେଇଥିଲେ ଏବଂ ସେମାନଙ୍କ ପ୍ରତି ଭୀଷ୍ମଙ୍କର ସର୍ବଦା ଦୟା ରହିଛି ବୋଲି କହିଥିଲେ । ଏହା ଶୁଣି ଭୀଷ୍ମ ହସି ଥିଲେ ।

ଘ) ପ୍ରଜାମାନଙ୍କୁ ରାଜା ଯେତେ ସୁଖ, ଶାନ୍ତି ଓ ଆନନ୍ଦ ପ୍ରଦାନ କରି ପାରିବେ, ଇନ୍ଦ୍ର ଦେବତା ସ୍ୱର୍ଗରେ ଥାଇ ସେତିକି ଖୁସି ହେବେ । ସେ ଖୁସି ହେବାରୁ ବର୍ଷା ହେବ ଏବଂ ପ୍ରଜାମାନେ ଆନନ୍ଦରେ ରହିବେ, ବର୍ଷା ଯୋଗୁ ସୃଷ୍ଟି ରକ୍ଷା ହେବ ଓ କେହି ଅଭାବ ଅନଟନରେ ରହିବେ ନାହିଁ ।

ଙ) କୌଣସି ବ୍ୟକ୍ତି ଦୋଷ କଲେ ତାକୁ ରାଜା ଦଣ୍ଡ ଦେଲେ ରାଜାକୁ ଏଥିପାଇଁ କୌଣସି ପାପ ବା ଦୋଷ ଲାଗିବ ନାହିଁ ବରଂ ମଙ୍ଗଳ ହେବ ଏବଂ ରାଜ୍ୟରେ ସର୍ବଦା ଲକ୍ଷ୍ମୀ ବା ଧନ ରହିବ ।

## ୧୧.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର ମାଳା

କ) ଯୁଧିଷ୍ଠିର   ଖ) ଭୀଷ୍ମ   ଗ) ଯୁଧିଷ୍ଠିର

ଘ) ଦୋଷାଦୋଷ   ଙ) ପ୍ରଜା   ଚ) କୃଷକ

ଛ) ମନ୍ତ୍ରୀ   ଜ) ଛୋଟ ଘୋଡ଼ା

# ୧୨

# ଉତ୍କଳ ସନ୍ତାନ

**କୁଳବୃଦ୍ଧ ମଧୁସୂଦନ ଦାସ**

## ୧୨.୧ କବିତାର ପୃଷ୍ଠଭୂମି

୧୮୦୩ ମସିହାରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକୃତ ହେଲାପରେ ଇଂରେଜ ଶାସନ କାଳରେ ଓଡ଼ିଶା ବିଖଣ୍ଡିତ ହୋଇ ପଡ଼ିଲା । ଶାସନର ସୁବିଧାର ଆଳ ଦେଖେଇ ଇଂରେଜମାନେ ଓଡ଼ିଶାର ଦକ୍ଷିଣାଞ୍ଚଳକୁ ମାନ୍ଦ୍ରାସ ପ୍ରେସିଡେନ୍ସି ସହିତ, ସିଂଇଭୂମି, ଚାଇଁବସା, ଚକ୍ରଧରପୁର ଇତ୍ୟାଦିକୁ ବିହାର ସହିତ ମିଶାଇ ଦେଇଥିଲେ । ଓଡ଼ିଶା କହିଲେ କେବଳ କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାକୁ ବୁଝାଉଥିଲା । ଗଜପତିଙ୍କ ରାଜତ୍ୱ କାଳରେ ଯେଉଁ ଓଡ଼ିଶା ଭୂଖଣ୍ଡ ଗଙ୍ଗାଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ତାହାର ସୀମାରେଖା ସଂକୁଚିତ ହୋଇପଡ଼ିଲା ।

୧୮୭୦ ମସିହା ପରେ କିଛି ଓଡ଼ିଆ ମାଟିର ପୁଅମାନେ ଅଖଣ୍ଡ ଓଡ଼ିଶାର ସ୍ୱପ୍ନ ଦେଖିଲେ । ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକତ୍ରୀତ କରି ଓଡ଼ିଶା ରାଜ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ କଲେ । ଏହି ଉଦ୍ୟମରେ ପାରଳାଖେମୁଣ୍ଡିର ଗଜପତି କୃଷ୍ଣଚନ୍ଦ୍ର ଦେବ, ବ୍ରଜସୁନ୍ଦର ଦାସ, ମଧୁସୂଦନ ଦାସ, ଉତ୍କଳମଣି ଗୋପବଂଧୁ ଦାଶ ପ୍ରମୁଖ ନେତୃତ୍ୱ ନେଲେ । ତେଣୁ ୧୯୦୩ ମସିହାରେ ପ୍ରଥମେ 'ଉତ୍କଳ ସମ୍ମିଳନୀ' ଆହୂତ କରାଗଲା । ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଆମାନଙ୍କୁ ଏକଜୁଟ କରାଇବାର ଉଦ୍ୟମ ଆରମ୍ଭ ହେଲା । ବିଭିନ୍ନ ସମ୍ମିଳନୀରେ ଓଡ଼ିଆ ଆହ୍ୱାନ ଦିଆଗଲା । ଏହି ଅବକାଶରେ ମଧୁସୂଦନ ଦାସ ଯିଏ ମଧୁ ବାରିଷ୍ଟର ନାମରେ ପରିଚିତ ସେ ଓଡ଼ିଆମାନଙ୍କ ଉଦ୍ଦେଶ୍ୟରେ 'ଉତ୍କଳ ସନ୍ତାନ' ନାମରେ ଏକ କବିତା ରଚନା କରିଥିଲେ । ଓଡ଼ିଆଙ୍କ ମନରେ ଜାତୀୟ ଚେତନା ଜାଗ୍ରତ କରାଇବା ଥିଲା ମଧୁସୂଦନଙ୍କ ମୂଳ ଲକ୍ଷ୍ୟ ।

## ୧୨.୨ କବିତାର ଆଭିମୁଖ୍ୟ

ଓଡ଼ିଶା ବା ଉତ୍କଳର ଐତିହ୍ୟ ଅତି ପ୍ରାଚୀନ । ଉତ୍କୃଷ୍ଟ କଳାର ଦେଶ ଥିଲା ଏ ଉତ୍କଳ । ଶିଳ୍ପ, ବାଣିଜ୍ୟ ଓ ସଂସ୍କୃତି ପ୍ରତ୍ୟେକ କ୍ଷେତ୍ରରେ ସମଗ୍ର ଭାରତବର୍ଷରେ ଓଡ଼ିଶା ବା ଉତ୍କଳର ସୁନାମ ଥିଲା । ମାତ୍ର ଇଂରେଜ ଶାସନ ବେଳକୁ ଓଡ଼ିଶା ବା ଉତ୍କଳବାସୀଙ୍କର ବୀରତ୍ୱ ନଥିଲା କି ଗୌରବମୟ ବାଣିଜ୍ୟ ନଥିଲା । ପରାଧୀନତାର ଶୃଙ୍ଖଳ ଭିତରେ ଓଡ଼ିଶାବାସୀ ସୁପ୍ତ ହୋଇ ଯାଇଥିଲେ । ପୂର୍ବର ଐତିହ୍ୟ, ପୂର୍ବର ଗାରିମା ଯେପରି କୁଆଡ଼େ ହଜି ଗଲା । ଧନ ଦୌଲତରେ ଯେଉଁ ଉତ୍କଳ ପରିପୂର୍ଣ୍ଣ ଥିଲା, ତା'ର ଅବସ୍ଥା ଶୋଚନୀୟ ହୋଇପଡ଼ିଲା ଏବଂ ଦରିଦ୍ର ପ୍ରଦେଶ ଭାବରେ ପରିଚିତ ହେଲା ।

ଓଡ଼ିଆମାନଙ୍କ ମନରେ ଓଡ଼ିଆ ଜାତୀୟବୋଧ ସୃଷ୍ଟି କରାଇ ପୁନର୍ବାର ସେହି ଅତୀତ ଗୌରବକୁ ଫେରାଇ ଆଣିବା ପାଇଁ ଯେଉଁମାନେ ଆତ୍ମୋତ୍ସର୍ଗ କରିଥିଲେ ସେମାନଙ୍କ ମଧ୍ୟରେ କୁଳବୃଦ୍ଧ ମଧୁସୂଦନ ଥିଲେ ଅନ୍ୟତମ । ତାଙ୍କର ମୂଳ ଲକ୍ଷ୍ୟ ଥିଲା ଓଡ଼ିଆ ଜାଗ୍ରତ ହୁଅନ୍ତୁ, ନିଜର ନ୍ୟାର୍ଯ୍ୟ ଦାବୀ ହାସଲ କରନ୍ତୁ । ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ହୋଇ ତା'ର ସମୃଦ୍ଧି ହେଲା ଜାଗ୍ରତ ନ ହେଲେ ଓଡ଼ିଶାର ସମୃଦ୍ଧି ଅସମ୍ଭବ । ତେଣୁ ସୁପ୍ତ ଓଡ଼ିଆମାନଙ୍କୁ ଜାଗ୍ରତ କରାଇ ଓଡ଼ିଶାକୁ ଏକ ପ୍ରଦେଶରେ ପରିଣତ କରିବା ପାଇଁ ମଧୁସୂଦନ ଦାସ ଏହି କବିତା ମାଧ୍ୟମରେ ଏକ ମାର୍ମିକ ଆହ୍ୱାନ ଦେଇଛନ୍ତି । ଏହା ହିଁ ଏହି 'ଉତ୍କଳ ସନ୍ତାନ' କବିତାର ମୂଳ ଲକ୍ଷ୍ୟ ।

## ୧୨.୩ ମୂଳ ପାଠ

ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ଏତେ ଭୀରୁ ?
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା-ଡରୁ ।୧ ।

ତୋ ପୂର୍ବପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ? ।୨ ।

ତୁ ମନେ ଭାବୁଚୁ ତୋଷାମଦ କରି
ବଢ଼ାଇବୁ ଜାତି ମାନ,
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।୩ ।

ତୋଷାମଦକାରୀ କ୍ଷିପ୍ର ଶ୍ୱାନ ପରି
ସହଜେ ଚିହ୍ନା ନ ଯାଏ,
ଭୃତ୍ୟ ଭାବଧରି ଗୋଡ଼ ଚାଟୁ ଚାଟୁ
ବିଷ ଲେପି ଦେଇଥାଏ ।୪ ।

ତୋଷାମଦ ଅଟେ ଅନ୍ଧାର ଗୋହିରି
ସ୍ୱାର୍ଥ ତହିଁ ଲୁଚି ବସେ,
ସରଳ ପଥିକ ବାଟରେ ଭେଟିଲେ
ଅଜ୍ଞାତରେ ତାକୁ ନାଶେ ।୫ ।

ଜାତିର ଉନ୍ନତି ହେବ କିରେ ଭାଇ
ସ୍ୱାର୍ଥକୁ ଜଗତ ମଣି,
ଗୋଦର ଗୋଡ଼ରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ? ।୬ ।

ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ? ।୭ ।

ଜାତି-ନନ୍ଦିଘୋଷ  ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କିରେ ଗାଡ଼ି  ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ? ।୮।

ସ୍ୱାର୍ଥର ବନିତା  ଅଟେ ତୋଷାମଦ
ଭୟ ମିଥ୍ୟା ତାଙ୍କ ପୁତ୍ର,
ରାଜ୍ୟରେ ବିପ୍ଳବ  ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।୯।

ଉଠରେ ଉଠରେ  ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ,
ପୂରୁବ ଗୌରବ  ପୂରୁବ ସାହସ
ପଡ଼ିବ କି କେବେ ମନେ ? ।୧୦।

ତୋହର ଜନନୀ  ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ,
ଜନ-ସମାଜରେ  ଏ ମହୀ ମଧ୍ୟରେ
କିପରି ଦେଖାଉ ମୁଖ ? ।୧୧।

ତୋ ପୂର୍ବପୁରୁଷ  ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ,
ତାଙ୍କରି ଜୀବନ  କରି ବିସ୍ମରଣ
କରୁଛୁ ତୁ ମହାପାପ ।୧୨।

## ୧୨.୪ କବିତାର ସାରାଂଶ

କବି ଉତ୍କଳର ସନ୍ତାନମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଆମେ ଉତ୍କଳ ସନ୍ତାନ ବୋଲି ନିଜକୁ ପରିଚୟ ଦେଉଛନ୍ତି ମାତ୍ର ଭୀରୁ ପରି କାହିଁକି ହେଉଛନ୍ତି । କାରଣ ଉତ୍କଳୀୟମାନେ ଯୋଦ୍ଧା, ବୀର ଥିବାର ଇତିହାସ କହେ । ଆମେ ବୀରଜାତିର ସନ୍ତାନ । କିଂତୁ ଆଜି ଆମ ମାତୃଭୂମିର ଅବସ୍ଥା ଶୋଚନୀୟ ହେଉଥିଲାବେଳେ ଏବଂ ଅନ୍ୟମାନଙ୍କ ଦ୍ୱାରା ଅତ୍ୟାଚାରିତା ହେଉଥିଲାବେଳେ ଆମେ ତାହାର ସନ୍ତାନ ହୋଇ କିପରି ନୀରବରେ ବସି ରହିଛନ୍ତି ? ଆମର ପୂର୍ବ ପୁରୁଷର ବୀରତ୍ୱ ହେଲା ବହୁ ଉଚ୍ଚରେ । ସେମାନଙ୍କ ଯୋଗୁଁ ଆମ ରାଜ୍ୟ ଉତ୍କଳ ବା ଓଡ଼ିଶା ଗଙ୍ଗାନଦୀ ଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମାତ୍ର କବି ଦୁଃଖ ପ୍ରକାଶ କରି କହୁଛନ୍ତି ଯେ ସେହି ବୀରମାନଙ୍କର ଔରସରୁ ଜନ୍ମ ହୋଇ ଆମେ ତାଙ୍କର କେଉଁ ଗୁଣକୁ ସମାନ ? ?

ଯେଉଁ ଉତ୍କଳୀୟ ବୀର ଜାତି ଭାବରେ ସୁଖ୍ୟାତି ଲାଭ କରିଥିଲା, ତାଙ୍କର ସନ୍ତାନ ହୋଇ ଆମେ ଆଜି ତୋଷାମଦିଆ ହୋଇ ଯାଇଛନ୍ତି । ଏଭଳି ତୋଷାମଦ ପ୍ରକୃତିକୁ କବି ଘୃଣାଚକ୍ଷୁରେ ଦେଖିଛନ୍ତି । କାରଣ ତୋଷାମଦ ଦ୍ୱାରା କୌଣସି ଜାତିର ମାନ ସମ୍ମାନ କେବେ ବୃଦ୍ଧିପାଏ ନାହିଁ । ବରଂ ଏପରି ଏ ତୋଷାମଦିଆ

ହେଉଛି କୁକୁର ପ୍ରକୃତି ପରି । କୁକୁରର ସର୍ବଦା ଅଇଁଠା ପତ୍ର ପ୍ରତି ଧ୍ୟାନ ରହିଥାଏ । ଏହି କୁକୁର ପ୍ରକୃତି ସହଜରେ ଚିହ୍ନା ନ ପଡ଼ିଲେ ବି ଚାକର ପରି ମାଲିକର ଗୋଡ଼ ଚାଟୁ ଚାଟୁ ବିଷ ଲେପିଦେଇଯାଏ ।

ପୁନର୍ବାର ତୋଷାମଦ ଭାବ ହେଉଛି ଅନ୍ଧାର ବାଟ ପରି, ଯେଉଁଥିରେ ନିଜର ସ୍ୱାର୍ଥ ହାସଲ ପାଇଁ ସେ ସରଳ ପଥିକଟିଏ ବାଟରେ ଗଲେ ମଧ୍ୟ ଅଜାଣତରେ ତାକୁ ଦଂଶନ କରି ମୃତ୍ୟୁ ମୁଖକୁ ଠେଲିପକାଏ । କୁକୁର ଯେପରି ପରମ ସ୍ୱାର୍ଥପର ଜୀବ ସେହିପରି ତୋଷାମଦକାରୀ ବ୍ୟକ୍ତି । ନିଜ ସ୍ୱାର୍ଥ ପାଇଁ ସେ ଯେକୌଣସି କୁତ୍ସିତ କାର୍ଯ୍ୟ କରିପାରେ ।

ଯେକୌଣସି ବ୍ୟକ୍ତି ଏପରି ସ୍ୱାର୍ଥପର ହେଲେ ସେ ଜନ୍ମିତ ଜାତିର କେବେ ଉନ୍ନତି ହୋଇପାରିବ ନାହିଁ । ସ୍ୱାର୍ଥପରତା ହିଁ ଜାତି ବିକାଶର ପ୍ରତିବନ୍ଧକ । ଯାହାର ମନ ସର୍ବଦା ନିଜ ସ୍ୱାର୍ଥ ହାସଲ କରିବାରେ ଥାଏ ସେ ଜାତିର ଉନ୍ନତି କିପରି ଚିନ୍ତା କରିପାରିବ ? ? ଯେପରିକି ଶାଗୁଣା ବିଲୁଆଙ୍କୁ ଯଦି ଚିକିତ୍ସକ କରାଯାଏ ତାହେଲେ ଶବ ଜୀବନ ଲାଭ କରିପାରେ ନାହିଁ । ବରଂ ମୃତ୍ୟୁ ତା'ପାଇଁ ଶ୍ରେୟସ୍କର । ପୁଣି କବି କହୁଛନ୍ତି ନିଜ ସ୍ୱାର୍ଥକୁ ଯଦି ସର୍ବଦା ପ୍ରାଧାନ୍ୟ ଦେବା ତାହେଲେ ଜାତିର ବିକାଶମୂଳକ ନନ୍ଦିଘୋଷ ରଥ ଚାଲିବ କିପରି ? ଯେପରି ଘୋଡ଼ାର ମୁହଁରେ ଦାନା ବନ୍ଧାଥିଲେ ସେ ଗାଡ଼ି ଟାଣିପାରେ ନାହିଁ, ସେହିପରି ବ୍ୟକ୍ତିଗତ ସ୍ୱାର୍ଥରେ ଜଡ଼ିତ ରହିଲେ ଜାତୀୟ ଉନ୍ନତି କେବେ ହୋଇ ପାରିବ ନାହିଁ । ସ୍ୱାର୍ଥରେ ଯାହାର ମନ ସର୍ବଦା ଜଡ଼ିତ, ସେ ନିଜର ସ୍ୱାର୍ଥ ହାସଲ ପାଇଁ ତୋଷାମଦ କରିବ ହିଁ କରିବ । ଏଥି ସହିତ ସେ ଭୟ କରିବ ଓ ମିଥ୍ୟା କହିବ । ଏସବୁ ସମ୍ମିଳିତ ହେଲେ କୌଣସି ରାଜ୍ୟ ବା ଜାତିର ନିଶ୍ଚୟ ବିପର୍ଯ୍ୟୟ ଘଟିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଏଭଳି ପରିସ୍ଥିତିରେ କବି  ଉତ୍କଳ ସନ୍ତାନମାନଙ୍କୁ ଜାଗ୍ରତ ହେବା ପାଇଁ ଆହ୍ୱାନ ଦେଇଛନ୍ତି ଯେ ତୁ ଉଠ, ନିଜ ସ୍ୱାର୍ଥରେ ଆଉ ଶାସକ ପାଖରେ ତୋଷାମଦ କରନା । ତୋଷାମଦ ଉତ୍କଳ ସନ୍ତାନ ପାଇଁ କୌଣସି ପ୍ରକାରେ ଶୋଭା ଦାୟକ ହେବ ନାହିଁ । କାରଣ ଆମ ପୂର୍ବପୁରୁଷ ଥିଲେ ମହାନ ବୀର । ଏ ମାଟି ବୀର ସନ୍ତାନମାନଙ୍କୁ ଜନ୍ମ ଦେଇଛି ।

ଆଜି ଜନ୍ମମାଟିର ଦୁର୍ଦ୍ଦିନରେ ସେହି ପୂର୍ବପୁରୁଷମାନଙ୍କ କୀର୍ତ୍ତିକୁ ସ୍ମରଣ କର । ତାଙ୍କ ଦ୍ୱାରା ଉଦ୍‌ବୁଦ୍ଧ ହୁଅ । ଉତ୍କଳର ବା ଓଡ଼ିଶାର ଏପରି ଦୁରବସ୍ଥା ଦେଖି ସ୍ୱର୍ଗଧାମରେ ଥାଇ ପୂର୍ବପୁରୁଷମାନେ ମନସ୍ତାପ କରୁଛନ୍ତି । ସେମାନଙ୍କୁ ସୁଖ ଦେବା ପାଇଁ ଆମକୁ ପଣ କରିବାକୁ ପଡ଼ିବ, ଉତ୍କଳର ମାନସମ୍ମାନ ଓ ପୂର୍ବ ଗୌରବକୁ ଫେରାଇ ଆଣିବାକୁ ପଡ଼ିବ ।

## ୧୨.୫ କବି ପରିଚୟ

କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହାରେ କୁଳବୃଦ୍ଧ ମଧୁସୂଦନ ଦାସ ଜନ୍ମଗ୍ରହଣ କରିଥିଲେ । ସେ ମୁଖ୍ୟତଃ ଜଣେ ଓକିଲ ଓ ଦେଶ ସେବକ ଭାବେ ପରିଚିତ । ଓଡ଼ିଆ ସ୍ୱାଭିମାନ ରକ୍ଷା କରିବା ତାଙ୍କ ଜୀବନର ବ୍ରତ ଥିଲା । ଉତ୍କଳ ସମ୍ମିଳନୀକୁ ଉଦ୍‌ବୋଧିତ କରିବା ପାଇଁ ସେ ମାତ୍ର ଛଅ ଗୋଟି କବିତା ଲେଖିଥିଲେ । ଯାହା ତାଙ୍କୁ ସୁସାହିତ୍ୟିକର ଆସନ ଦେଇଛି । ତାଙ୍କ ରଚନା ମଧ୍ୟରେ ରହିଛି ଜୀବନର ଉକ୍ତି, ସନ୍ତାନର ଉକ୍ତି, ଉତ୍କଳ ସନ୍ତାନ ଇତ୍ୟାଦି । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ତାଙ୍କ ଭୂମିକା ଯଥେଷ୍ଟ ରହିଛି । ମଧୁବାରିଷ୍ଟର ଭାବରେ ସୁପରିଚିତ ଏହି ମହାନ ବ୍ୟକ୍ତି ଓଡ଼ିଆ ଜାତିର ଅଭ୍ୟୁତ୍ଥାନ ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଯାଇଛନ୍ତି । ସେ ୧୯୩୪ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

## ୧୨.୬ କଠିନ ଶବ୍ଦାର୍ଥ

ଭୀରୁ - ଭୟାଳୁ, ଡରୁଆ

ରୋଦନ - କାନ୍ଦିବା,

ଜନନୀ - ମାଆ

ଔରସେ - ବୀର୍ଯ୍ୟରୁ

ସରି - ସମାନ

ଶ୍ୱାନ - କୁକୁର

ଭୃତ୍ୟ - ଚାକର

ଗୋହିରି - ବାଟ

ନାଶେ - ନଷ୍ଟକରେ

ଅଜ୍ଞାତରେ - ଅଜଣାରେ

ବନିତା - କନ୍ୟା, ଝିଅ

ପ୍ରସବିନୀ - ଜନ୍ମଦାତ୍ରୀ

ତୋଷାମଦ- ଖୋସାମୋଦ କରିବା, ଅଯଥା ପ୍ରଶଂସା କରି ସ୍ୱାର୍ଥ ହାସଲ କରିବା

ନନ୍ଦିଘୋଷ- ଜଗନ୍ନାଥଙ୍କ ରଥର ନାମ (ଏଠାରେ ଜାତିକୁ ନନ୍ଦିଘୋଷ ରଥ ସହିତ ତୁଳନା କରାଯାଇଛି)

## ୧୨.୭ ଭାବ ଅବବୋଧ :

i) ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।

### ଭାବାର୍ଥ

କୁକୁରମାନଙ୍କର ପ୍ରକୃତି ହେଲା ମୁଠାଏ ଖାଇବା ପାଇଁ ସେମାନେ ଅଇଁଠା ପତ୍ରକୁ ମଧ୍ୟ ଛାଡ଼ନ୍ତି ନାହିଁ । ଯାହା ହେଉ ଯେ କୌଣସି ପ୍ରକାରେ ସେମାନଙ୍କୁ ଖାଇ ପେଟ ପୂରାଇବାକୁ ପଡ଼ିବ । ସ୍ୱାଭିମାନ କ'ଣ ତାକୁ ଜଣା ନଥାଏ । କବିଙ୍କ ଦୃଷ୍ଟିରେ ଯେଉଁମାନେ ଅନ୍ୟପାଖରେ ତୋଷାମଦଗିରି କରନ୍ତି, ସେମାନେ କୁକୁର ପରି ଯେକୌଣସି ମତେ ନିଜ ସ୍ୱାର୍ଥଟିକୁ ହାସଲ କରିବେ । ସେଥିପାଇଁ ତୋଷାମଦିଆଙ୍କୁ କବି କୁକୁର ପ୍ରକୃତି ସହିତ ତୁଳନା କରିଛନ୍ତି, ଯାହା ଯଥାର୍ଥ ଅଟେ ।

ii) ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯା'ର ବ୍ୟସ୍ତ ମନ ।

### ଭାବାର୍ଥ

ନିଜ ସ୍ୱାର୍ଥରେ ସର୍ବଦା ଲିପ୍ତ ରହିଲେ କୌଣସି ଜାତିର ଉନ୍ନତି ହୋଇ ପାରିବ ନାହିଁ । ବ୍ୟକ୍ତି ନିଜର ସ୍ୱାର୍ଥ ତ୍ୟାଗ କରି ଜାତୀୟ ସ୍ୱାର୍ଥରେ ନିଜକୁ ନିୟୋଜିତ କରିପାରିଲେ ଜାତିର ଉନ୍ନତି ସମ୍ଭବ ହୋଇପାରିବ ।

iii) ଜାତି-ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ !

**ଭାବାର୍ଥ**

ଗାଡ଼ି ଟାଣୁଥିବା ଘୋଡ଼ାର ମୁହଁରେ ଯଦି ଦାନା ବନ୍ଧା ହୋଇଥିବ ତେବେ ଯେପରି ସେ ଗାଡ଼ି ଟାଣିବାକୁ ଅସମର୍ଥ ହୁଏ ସେହିପରି ସ୍ୱାର୍ଥ ରଖି ଜାତି ରୂପକ ନନ୍ଦିଘୋଷ ରଥକୁ ଟଣାଯାଇ ପାରିବ ନାହିଁ, ଅର୍ଥାତ ଜାତିର ଉନ୍ନତି ସମ୍ଭବ ହୋଇ ପାରିବ ନାହିଁ । ରଥର ଚାଳକ ହେଉଛି ସାରଥି । ସ୍ୱାର୍ଥ ଯଦି ସାରଥି ହେବ ତାହେଲେ ଜାତିର ଉନ୍ନତି-ରଥ ଚାଲିବା ଅସମ୍ଭବ । ତେଣୁ ଜାତିର ଉନ୍ନତି ପାଇଁ ନିଜର ସ୍ୱାର୍ଥ ତ୍ୟାଗ କରିବା ଉଚିତ ।

## ୧୨.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

i) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

ii) ଏହି 'ଉତ୍କଳ ସନ୍ତାନ' କବିତା ଲେଖିବାର କବିଙ୍କର କି ଅଭିପ୍ରାୟ ଥିଲା ?

iii) ଉତ୍କଳର ଅତୀତ ଗୌରବକୁ କବି କାହିଁକି ସ୍ମରଣ କରିବାକୁ କହିଛନ୍ତି ?

iv) ଉତ୍କଳ ସନ୍ତାନ କବିତାରୁ କବିଙ୍କର ଉତ୍କଳୀୟ ପ୍ରୀତିର ପରିଚୟ ଦିଅ ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ?

ଖ) ତୋଷାମଦିଆଙ୍କୁ କାହିଁକି କୁକୁର ପ୍ରକୃତି ସହିତ ତୁଳନା କରାଯାଇଛି ?

ଗ) ତୋଷାମଦକାରୀଙ୍କ ପ୍ରକୃତି କ'ଣ ? ସେମାନଙ୍କ କାର୍ଯ୍ୟ କ'ଣ ?

ଘ) ଜାତିକୁ କାହିଁକି ନନ୍ଦିଘୋଷ ସହିତ ତୁଳନା କରାଯାଇଛି ?

ଙ) ଉତ୍କଳ ସନ୍ତାନ କବିତାରେ କବି କାହାକୁ କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

## ୧୨.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -**

i) ଗଙ୍ଗା ଗୋଦାବରୀ ................ ଅଟନ୍ତି ।

(ନଦୀ, ପାହାଡ଼, ରାସ୍ତା)

ii) କୁକୁର ଅଇଁଠା ପତରକୁ ଧ୍ୟାନ ଦିଏ । କାରଣ ପତରରେ ............... ଥାଏ ।

(ମାଂସ, ବାଲି, କାଠ)

iii) ଶାଗୁଣା.................. ଚିକିତ୍ସକ ହେଲେ ଶବ ପ୍ରାଣ ପାଏ ନାହିଁ ।

(ବିଲୁଆ, କାଉ, ମାଙ୍କଡ଼)

iv) ଘୋଡ଼ା ................ ଟାଣେ ।

(ଗାଡ଼ି, ସାଇକେଲ, ମଟର)

v) ...................ରେ ମାଉଁସ ଲାଗିଲେ ଶୁଭ ନୁହେଁ ।

(ଗୋଦରଗୋଡ଼, ହାତ, ମୁଣ୍ଡ)

## ୧୨.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ଉତ୍କଳୀୟମାନଙ୍କର ପୂର୍ବପୁରୁଷମାନେ ଗଙ୍ଗାଠାରୁ ଗୋଦାବରୀ ନଦୀପର୍ଯ୍ୟନ୍ତ ଜୟ କରି ଉତ୍କଳର ସାମାଜ୍ର୍ୟ ବୃଦ୍ଧି କରିଥିଲେ ।

ଖ) ତୋଷାମଦ ଅର୍ଥାତ ପରଖି ମିଛ ପ୍ରଶଂସା କରି ନିଜର କାର୍ଯ୍ୟ ହାସଲ କରିବା । କୁକୁରମାନଙ୍କ ପ୍ରକୃତି ହେଲା ଅଇଁଠାପତର ଚାଟିବା । ସେମାନଙ୍କୁ ଯେତେ ମାରିଲେ ମଧ ସେମାନେ ପୁଣି ଯାଇ ଅଇଁଠା ପତର ଚାଟିବେ । ସେମାନଙ୍କର ସ୍ୱାଭିମାନ ନାହିଁ । ତେଣୁ ତୋଷାମଦ ପରି କୁକୁର ପ୍ରକୃତି ଧରି କେବେ ଜାତିର ଉନ୍ନତି କରାଯାଇପାରିବ ନାହିଁ ।

ଗ) ତୋଷାମଦକାରୀ ବ୍ୟକ୍ତିଙ୍କର ପ୍ରକୃତି ହେଲା ସେମାନେ ନିଜର ସ୍ୱାର୍ଥପାଇଁ ଅନ୍ୟର ଗୋଡ଼ ଚାଟିବାକୁ ମଧ କୁଣ୍ଠା ବୋଧ କରନ୍ତି ନାହିଁ । ମିଥ୍ୟା ପ୍ରଶଂସା କରି କାର୍ଯ୍ୟହାସଲ କରିବାରେ ସେମାନେ ଧୂରନ୍ଧର । ଚାକର ବା ଭୃତ୍ୟ ପରି ଅତି ନରମଭାବ ଦେଖାଇଲେ ମଧ ସମୟ ସୁଯୋଗ ଦେଖି ଅନ୍ୟକୁ ବିଷ ପ୍ରୟୋଗ କରିବାକୁ କୁଣ୍ଠାବୋଧ କରେ ନାହିଁ । ଏପ୍ରକାର ବ୍ୟକ୍ତିମାନଙ୍କୁ ସହଜରେ ଚିହ୍ନ ହୁଏ ନାହିଁ ।

ଘ) ଜଗନ୍ନାଥଙ୍କ ରଥର ନାମ ହେଉଛି ନନ୍ଦିଘୋଷ । ବଡ଼ଦାଣ୍ଡରେ ଏହି ରଥ ଚାଲେ । ତେଣୁ ସମୟରୂପକ ବଡ଼ଦାଣ୍ଡରେ ଜାତିରୂପକ ରଥ ଆଗକୁ ଯିବାକୁ ହୁଏ ବା ଉନ୍ନତି ପଥରେ ଯିବାକୁ ପଡ଼େ । ସେଥିପାଇଁ ଜାତିକୁ ନନ୍ଦିଘୋଷ ସହିତ ତୁଳନା କରାଯାଇଛି ।

ଙ) ଉତ୍କଳର ସାମାଜିକ, ଅର୍ଥନୀତିର ଖରାପ ପରିସ୍ଥିତି ଦେଖି କବି ମଧୁସୂଦନଙ୍କ ଅନ୍ତରାତ୍ମା କାନ୍ଦି ଉଠିଛି । ତେଣୁ ସେ ଉତ୍କଳ ସନ୍ତାନ କବିତା ମାଧମରେ ସୁପ୍ତ ଓଡ଼ିଆମାନଙ୍କୁ ଜାଗ୍ରତ ତଥା ଅଳସୁଆମି ଛାଡ଼ି ଉନ୍ନତି ପଥରେ ଅଗ୍ରସର ହେବାକୁ ଉଦ୍‌ବୋଧନ ଦେଇଛନ୍ତି ।

## ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i) ନଦୀ ii) ମାଂସ iii)ବିଲୁଆ,

iv)ଗାଡ଼ି, v) ଗୋଦରଗୋଡ

•••

# ୧୩
# ଡାଆଣିଆ ଖରା

**ପଲ୍ଲୀକବି ନନ୍ଦ କିଶୋର ବଳ**

## ୧୩.୧ କବିତାର ପୃଷ୍ଠଭୂମି

କବି ନନ୍ଦ କିଶୋରବଳ ମୁଖ୍ୟତଃ ଜଣେ ପଲ୍ଲୀ କବି । ପଲ୍ଲୀ ବା ଗ୍ରାମ୍ୟ ପ୍ରକୃତିର ବାସ୍ତବଚିତ୍ର ଆଙ୍କିବାକୁ ଯାଇ ସେ ଏହି 'ଡାଆଣିଆ ଖରା' କବିତାଟି ରଚନା କରିଛନ୍ତି । ଗାଁରେ କିପରି ଖରା ପଡ଼ିଛି, ଗୋଟିଏ ଦିନର ଦୃଶ୍ୟକୁ କବି ଅତି ଜୀବନ୍ତ କରି ବର୍ଣ୍ଣନା କରିଛନ୍ତି । ପକ୍ଷୀମାନେ ସଂଧ୍ୟା ଆଗମନରେ କିପରି ବସାକୁ ଫେରନ୍ତି । ଆକାଶରେ ସ୍ୱର୍ଣ୍ଣର ଛବି ଦେଖା ଯାଉଛି । ଦୁଇଟି ପାରାଙ୍କୁ ସମ୍ବୋଧନ କରିବା ଛଳରେ କବି ନିଜର ସାଂସାରିକ ଦୁଃଖ କଥା କହୁଛନ୍ତି । ଗାଈଆଳ ଗାଈଧରି ଘରକୁ ଫେରୁଛି, ଇତ୍ୟାଦିର ବର୍ଣ୍ଣନା ଦେଇଛନ୍ତି । ବିଶେଷ କରି ଆମର ଗାଁର ବାସ୍ତବଦୃଶ୍ୟ କବି ବର୍ଣ୍ଣନା କରିଛନ୍ତି ।

## ୧୩.୨ କବିତାର ଆଭିମୁଖ୍ୟ

ପୂର୍ବରୁ ଆମ ସାହିତ୍ୟରେ ଓଡ଼ିଶାର ଗ୍ରାମ୍ୟ ପ୍ରକୃତିର ବାସ୍ତବଚିତ୍ର ଅଙ୍କିତ ହୋଇ ନଥିଲାବେଳେ ପଲ୍ଲୀକବି ନନ୍ଦ କିଶୋର ଗୋଟିଏ ଦିନର ଗ୍ରାମ୍ୟ ପ୍ରକୃତିର ଚିତ୍ର ପ୍ରଦାନ କରିଛନ୍ତି । ପାଠକ /ପାଠିକ ମନରେ ପଲ୍ଲୀ ଜୀବନବୋଧ ଆଙ୍କିବା ହେଉଛି ଏ କବିତାର ଆଭିମୁଖ୍ୟ ।

## ୧୩.୩ ମୂଳ ପାଠ

॥ ୧ ॥

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
କି ସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି ।

ଆସ ଆସ ପାରା ଯୋଡ଼ିକ ମୋର ପିଣ୍ଡାରେ ବସ
ଖାଇବାକୁ ଦେବି ତୁମ୍ଭଙ୍କୁ ମୁହିଁ ନଡ଼ିଆ-ରସ ।

ପିଇବାକୁ ଦେବି ତୁମ୍ଭଙ୍କୁ ପଦ୍ମ-ପୋଖରୀ-ପାଣି,
ଶୋଇବାକୁ ଦେବି ଖଟୁଲି ମାଳୀଘରୁ ମୁଁ ଆଣି ।

ମାଳୀଘର ଖଟୁଲିରେ ଯେ ବାଉଁଶର ପାତିଆ,
ମାଆ ଝୁଅଙ୍କର ଗୋଡ଼ରେ ରତନର ଝୁଣ୍ଟିଆ ।

ଶାରୀ ପଚାରିଲା ଶୁଆରେ କେଉଁ ଦାଣ୍ଡରେ ଯିବା,
ଶୁଆ ବୋଲେ ଶାରୀ ଚାଲଗୋ ବଡ଼ଦାଣ୍ଡରେ ଯିବା ।

ବଡ଼ଦାଣ୍ଡେ ଦାଣ୍ଡେ ଯାଆନ୍ତେ ପାଉଁ ଗୋବରଲଣ୍ଡି,
ଲିପି ପୋଛି ଦେଇ ଯାଅ ମା' ପୂଜି ମଙ୍ଗଳଚଣ୍ଡୀ ।

।। ୨ ।।

ଡାଆଣିଆ ଖରା ପଡ଼ିଛି ବେଳ ଯାଉଛି ବୁଡ଼ି,
ଅସ୍ତାଚଳ-ଶିଖେ ତପନ ଯାଉଛନ୍ତି ବାହୁଡ଼ି ।

ବିଚିତ୍ର ବର୍ଣ୍ଣର ବୋଇତ ପ୍ରାୟେ ଶୋଭା ପ୍ରକାଶି,
ବାରୁଣୀ-ଗଗନେ ବଉଦ କେତେ ଯାଉଛି ଭାସି ।

ଧଳା କଳା ନୀଳ ଲୋହିତ ବର୍ଣ୍ଣେ ସ୍ତରକୁ ସ୍ତର,
ପନ୍ତି ପନ୍ତି ସାଜି ବଉଦ ଆହା କି ମନୋହର !

ପଶୁ, ପକ୍ଷୀ, ନର, ପର୍ବତ, ଲତା, ପାଦପ, ସାଜି,
ବିବିଧ ବର୍ଣ୍ଣରେ ରାଜନ୍ତି ନଭେ ବାରିଦ-ରାଜି ।

ପ୍ରତୀଚୀ ଗଗନେ କି ଶୋଭା ଢାଳେ ଲୋହିତ ରବି
ନିକଟେ ଧବଳ ବାରିଦ କିବା ବିଚିତ୍ର ଛବି !

କନକ ତୋରଣ ଫେଡ଼ି କି ସ୍ୱର୍ଗୁ ସୁରତନୁଜା
ସ୍ଫଟିକ ପାବଚ୍ଛେ ଅର୍ପନ୍ତି ସୂର୍ଯ୍ୟେ ନୈବେଦ୍ୟ ପୂଜା ?

।। ୩ ।।

ତାରା-ମଥାମଣି ପିନ୍ଧିଣ ସ୍ୱର୍ଗୁ ସନ୍ଧ୍ୟା-ସୁନ୍ଦରୀ,
ନିଦ୍ରା-ସ୍ୱପ୍ନ-ସହ ଓହ୍ଲାନ୍ତି ଦିଗ ଅନ୍ଧାର କରି ।

ସୁରଦେଶୁଁ ସୁରତନୟା କୃଷ୍ଣବର୍ଣ୍ଣ ରଥରେ,
ଅବତରି କିବା ମୋହନ୍ତି ବିଶ୍ୱ ମାୟାମନ୍ତରେ ?

ବିସର୍ଜଣ ଦେବ ତପନ ଗଲେ ଧରଣୀମାୟା,
ବିସର୍ଜଇ ଯଥା ଜୀବାତ୍ମା ମୃତମାନବ-କାୟା ।

କି ଅବା ଯେମନ୍ତ ଯୌବନ ଜରାଗ୍ରସ୍ତ ତନୁକୁ,
ଅଥବା ଯେସନ ବିବେକ ପାପଗ୍ରସ୍ତ ମନକୁ ।
ପ୍ରଦୋଷର ମୂର୍ତ୍ତି ଦିଶଇ ଶାନ୍ତି-ବିଷାଦମୟ
ଗତ ସୁଖସ୍ମୃତି କରୁଛି ଆନ୍ଦୋଳିତ ହୃଦୟ ।

ନିୟତ ମେଲାଣି ଲାଗିଛି ଆହା ଏ ବିଶ୍ୱଦେଶେ,
ଫାଟିଯିବୁ କି ରେ ହୃଦୟ ଦୁଃଖଭାର-ଆବେଶେ ?

।। ୪ ।।

ଡାଆଣିଆ ଖରା ଗଲାଣି ବେଳ ଗଲାଣି ବୁଡ଼ି,
ବସାଗଛ ଅଭିମୁଖରେ ପକ୍ଷୀ ଯାଉଛି ଉଡ଼ି ।



କିସ ତୋର ହୃଦଭାବନା ଆରେ ବିହଙ୍ଗବର,
ଦୁଃଖଭାରେ ନତ ହୁଏ କି ତୋର କ୍ଷୁଦ୍ର ଅନ୍ତର ?
ନିତି ନିତି ଉଡ଼ି ଆସିଣ କେଉଁ ସଙ୍ଗୀତ ଗାଉ,
କି ଉଦ୍ଦେଶ୍ୟ ସାଧି ପକ୍ଷିରେ ପୁଣି ଫେରି ତୁ ଯାଉ ?
ତୋ ମନୋଭାବନା ନ ଜାଣି ହୃଦ ହେଉଛି ହାଣି,
ଆସି ମୋ ପାଶରେ ବସିଣ କହନ୍ତୁ ତୋ କାହାଣୀ ।
ମୋ ଦୁଃଖ ଫେଡ଼ି ମୁଁ କହନ୍ତି ଶୁଣି ଯାଆନ୍ତୁ ବାରେ,
କିନ୍ତୁ ନାହିଁ ନାହିଁ ଉଡ଼ିଯା କାର୍ଯ୍ୟ ନାହିଁ ତୋଠାରେ ।
ନିଜ ଦୁଃଖଭାରେ ଆନତ ଭବେ ସକଳ ପ୍ରାଣୀ
କି କାର୍ଯ୍ୟ ସେ ଭାରେ ମିଶାଇ ଆନ ବିଷାଦ ଆଣି ?

।। ୫ ।।

ଗୋଧନ ଘେନିଣ ଗୋପାଳ ଫେରିଗଲାଣି ଘରେ,
ବିଲକାମ ସାରି କୃଷକ ଫେରି ଯାଉଛି ଖରେ ।
ଗ୍ରାମେ ଶିଶୁଗଣ ଗାଆନ୍ତି ଗୀତ ଗ୍ରାମୀୟ ତାଳେ,
ଲୁଚି ପ୍ରତିଧ୍ୱନି ଗାଏ ତା ପଲ୍ଲୀ-ବନାନ୍ତଃରାଳେ ।
ଉଠିଲା କୁଟୀର-ମଥାନ ଭେଦି ଧୂମ ସଘନେ,
ପରାତ୍ମାରେ ଆତ୍ମା ପ୍ରାୟେକ ମିଶିଗଲା ଗଗନେ ।
ଶତ ସନ୍ଧ୍ୟାଦୀପ ଜାଳିଲେ ଜନପଦ-ଗୃହିଣୀ,
ଶୁଭିଲା ପ୍ରଦୋଷ-ଜଣାଣ ସ୍ୱର୍ଗ ସଙ୍ଗୀତ ଜିଣି ।
ଶଙ୍ଖ ଘଣ୍ଟା ବାଜି ଉଠିଲା ପ୍ରତି ଦେବମନ୍ଦିରେ,
ଭକ୍ତି ମନ୍ଦାକିନୀ ବହିଲା ଭକ୍ତ ହୃଦ-କନ୍ଦରେ ।
ଅବିଶ୍ୱାସୀ ମନ ! ପ୍ରଣମ ବିଶ୍ୱସ୍ରଷ୍ଟାଚରଣେ,
ଦିଅ ପଦାଶ୍ରୟ ଭୋ ! ପ୍ରଭୋ ପାପୀ ଅଧମ ଜନେ ।

## ୧୩.୪ କବିତାର ସାରାଂଶ

ବର୍ଷା ଋତୁ । ବର୍ଷା ଅସରାଏ ହେଲାପରେ ପରିବେଶ ଖୁବ୍ ସୁନ୍ଦର ଦେଖାଯାଏ । ଅପରାହ୍ନରେ ଖରା ଆସିଲେ ଏହାକୁ ଆମ ଗାଁମାନଙ୍କରେ ଡାଆଣିଆ ଖରା ବୋଲି କୁହାଯାଏ । ଏହି ଖରା ବା ସୂର୍ଯ୍ୟକିରଣ ଖୁବ୍ ମନମୁଗ୍ଧକର । ବାଲ୍ୟକାଳରେ ଗ୍ରାମ୍ୟ ପରିବେଶରେ ଏହି ଖରା ଯେଉଁ ଶୋଭା ବା ଭାବାନ୍ତର ସୃଷ୍ଟି କରିଛି ତାହାକୁ କବି ବର୍ଣ୍ଣନା କରିଛନ୍ତି ।

## ଡାଆଣିଆ ଖରା

କବି ଗ୍ରାମ୍ୟ ଜୀବନରେ ଥିବା ଲୋକବାଣୀକୁ ଆଧାର କରି ପାରାକୁ ସମ୍ବୋଧନ କରି କବିତାଟି ବର୍ଣ୍ଣନା କରିଛନ୍ତି । ହେ ପାରା ଦୁଇଟି, ଆସ ମୋ ପିଣ୍ଡାରେ ବସ । ମୁଁ ତୁମକୁ ଖାଇବାକୁ ନଡ଼ିଆ ରସ ଓ ପିଇବାକୁ ପଦ୍ମପୋଖରୀ ପାଣି ଦେବି । ଶୋଇବାକୁ ମାଳିଘର ଖଟୁଲି ଆଣିଦେବି ।

ଏହି ସମ୍ବୋଧନ ଛଳରେ କବି ଅସ୍ତଗାମୀ ସୂର୍ଯ୍ୟ କିପରି ଆକାଶରେ ପଶ୍ଚିମକୁ ଗତି କରି ବୁଡ଼ି ଯିବାକୁ ବସିଛନ୍ତି, ତାହା ଉଲ୍ଲେଖ କରିଛନ୍ତି । ଏହି ସମୟରେ ଆକାଶରେ ଧଳାଧଳା ବାଦଲ ବୋଇତ (ଜାହାଜ) ପରି ଭାସିଯାଉଛନ୍ତି । ସୂର୍ଯ୍ୟଙ୍କ ଲୋହିତ କିରଣ ପଡ଼ି ଧାଡ଼ି ଧାଡ଼ି ହୋଇ ରହିଥିବା ବାଦଲଗୁଡ଼ିକ ଆହୁରି ସୁନ୍ଦର ଦେଖା ଯାଉଛନ୍ତି । ପଶ୍ଚିମ ଆକାଶରେ ଏହା ଏକ ସ୍ୱର୍ଣ୍ଣାଭ ଛବି ଆଙ୍କି ଦେଉଛି । ଏହି ବିଚିତ୍ର ଦୃଶ୍ୟକୁ ଦେଖି କବି ଭାବୁଛନ୍ତି ସତେ ଯେପରି ସୁନାର ତୋରଣ ତିଆଣି କରି ଦେବକନ୍ୟାମାନେ ସ୍ଫଟିକ ପାହାଚରେ ସୂର୍ଯ୍ୟ ଦେବଙ୍କୁ ନୈବେଦ୍ୟ ଦେଇ ପୂଜା କରୁଛନ୍ତି ।

ପୁଣି ସଂଧ୍ୟା ଆଗମନରେ ଆକାଶରେ ଛୋଟ ଛୋଟ ତାରା ମାନେ ଦେଖା ଦେଲେଣି । ଏହା ସବୁ କବି ମନେ କରୁଛନ୍ତି ସତେ ଯେପରି ସଂଧ୍ୟା ସୁନ୍ଦରୀ ତାରା ରୂପକ ମଥାମଣି ମଥାରେ ପିନ୍ଧିଛନ୍ତି ଏବଂ ନିଦ୍ରିତ ଅବସ୍ଥାରେ ଏ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସୂର୍ଯ୍ୟଦେବ ମଧ୍ୟ ଏ ପୃଥିବୀର ମାୟା ଛାଡ଼ି ଚାଲିଯାଉଛନ୍ତି । ସଂଧ୍ୟା ସମୟର ଦୃଶ୍ୟ କବି ମନରେ ଦୁଃଖର ଭାବ ସୃଷ୍ଟି କରିଛି ।

ସଂଧ୍ୟା ଆଗମନରେ ପକ୍ଷୀମାନେ ବସାକୁ ଫେରିବାକୁ ଆରମ୍ଭ କରୁଛନ୍ତି । ପକ୍ଷୀମାନଙ୍କ ବସା ଫେରିବା କାଳରେ କବି ତାଙ୍କ ମନରେ ଆସିଥିବା ଦୁଃଖଭାବନା ସେ ଉଲ୍ଲେଖ କରିଛନ୍ତି । ଗାଈ ପଲକୁଧରି ଗଉଡ଼ ଏବଂ ଚଷା କୃଷିକାମ ସାରି ଘରକୁ ବାହୁଡ଼ି ଆସେ । ଘଳଛପରଘର ମଥାଣରେ ସଂଧ୍ୟା ସମୟରେ ଧୂଆଁ ଉଠିବାର ଦୃଶ୍ୟ ଦେଖାଯାଏ । ସଂଧ୍ୟାକାଳରେ ଗୃହିଣୀମାନେ ସଂଧ୍ୟା ଦୀପ ଜାଳନ୍ତି, ଶଙ୍ଖ, ଘଣ୍ଟବାଦ୍ୟ ଦେବ ମନ୍ଦିର ମାନଙ୍କରେ ଶୁଭେ । ଏପ୍ରକାର ପରିବେଶ ଗ୍ରାମ୍ୟ ବା ପଲ୍ଲୀଜୀବନକୁ କିପରି ସରସ ଓ ମଧୁମୟ କରିଛି ତାହା ବର୍ଣ୍ଣନା କରାଯାଇଛି ।

## ୧୩.୫ କବି ପରିଚୟ

ପଲ୍ଲୀକବି ନନ୍ଦକିଶୋର ବଳ କଟକ ଜିଲ୍ଲାର ମାହାଙ୍ଗା ଅନ୍ତର୍ଗତ ବିରୂପା ନଦୀକୂଳରେ ଅବସ୍ଥିତ କୁସୁପୁର ଗ୍ରାମରେ ୧୮୭୫ ମସିହାରେ ଜନ୍ମଗ୍ରହଣ କରିଥିଲେ । ସେ ଯୁଗର ଶେଷ ପର୍ଯ୍ୟାୟର କବି । ସେ ଚାକିରୀ କରୁଥିବା ହେତୁ ନିଜଗ୍ରାମ ଠାରୁ ଦୂରରେ ରହି ଗ୍ରାମର ଶାନ୍ତି ସୁନ୍ଦର ଦୃଶ୍ୟକୁ ମନେ ପକାଇ କବିତାମାନ ରଚନା କରୁଥିଲେ । ଗାଁର କ୍ଷେତ, ବଣ, ବିଲ, ତୋଟା , ପାହାଡ ଆଉ ବିଭିନ୍ନ ଋତୁର ପ୍ରଭାବ କବିଙ୍କ ମନକୁ ଆଲୋଡିତ କରିବା ସହିତ ତାଙ୍କ କବିତାରେ ସେସବୁର ଦୃଶ୍ୟପଟ ରହିଛି । ସେ ଲୋକମନର ବିଶ୍ୱାସ, ସେମାନଙ୍କର ନିତିଦିନିଆ ଜୀବନଯାତ୍ରା ଓ ଚଳଣି ସବୁକଥା କବିତା ଗୁଡ଼ିକରେ ପ୍ରକାଶ କରିଛନ୍ତି । ତାଙ୍କ କବିତାର ଭାବ ସରଳ, ଭାଷା ସାଧାରଣ ଏବଂ ପ୍ରକାଶଭଙ୍ଗୀ ବେଶ୍ ମନଛୁଆଁ । କବି ୧୯୨୮ ମସିହାରେ ଇହଲୀଳା ସମ୍ବରଣ କରିଥିଲେ । ସୃଷ୍ଟି ମଧ୍ୟରେ ରହିଛି 'ନାନା ବାୟାଗୀତ', 'ତରପିଣି', 'ଜନ୍ମଭୂମି', 'ନିର୍ଝରିଣି', ସନ୍ଧ୍ୟାସଂଗୀତ ପ୍ରଭୃତି । କବି କେତୋଟି କାବ୍ୟ ମଧ୍ୟ ରଚନା କରିଛନ୍ତି । ସେଗୁଡିକ ହେଲା

ସୀତା ବନବାସ, ଶର୍ମିଷ୍ଠା, କୃଷ୍ଣକୁମାରୀ । ତାଙ୍କ ଦ୍ୱାରା ରଚିତ ଏକମାତ୍ର ଉପନ୍ୟାସ 'କନକଲତା' ଅତି ଉଚ୍ଚକୋଟୀର ଅଟେ ।

## ୧୩.୬ କଠିନ ଶବ୍ଦ

ଅସ୍ତାଚଳ - ପଶ୍ଚିମ ଆକାଶ
ବାରୁଣୀ - ପଶ୍ଚିମ
ଲୋହିତ ବର୍ଣ୍ଣ - ଲାଲ ବର୍ଣ୍ଣ
ନଭେ - ଆକାଶରେ
ପ୍ରତୀଚୀ - ପଶ୍ଚିମ
ପାବଚ୍ଛ - ପାହାଚ
ବିସର୍ଜଇ - ତ୍ୟାଗ କରି
ଗୋଧନ - ଗୋରୁ ରୂପକ ଧନ
ତପନ - ସୂର୍ଯ୍ୟ
ଗଗନ - ଆକାଶ
ପନ୍ତି ପନ୍ତି - ଧାଡ଼ି ଧାଡ଼ି
ବାରିଦ - ବାଦଲ
କନକ - ସ୍ୱର୍ଣ୍ଣ /ସୁନା
ସୁର ତନୁଜା - ଦେବକନ୍ୟା
ପ୍ରଦୋଷ - ସଂଧ୍ୟା

## ୧୩.୭ ଭାବବୋଧ

i) କନକ ତୋରଣ ଫେଡି କି ସ୍ୱର୍ଗୁଁ ସୁରତନୁଜା
ସ୍ଫଟିକ ପାବଚ୍ଛେ ଅର୍ପନ୍ତି ସୂର୍ଯ୍ୟେ ନୈବେଦ୍ୟ ପୂଜା

**ଭାବାର୍ଥ**

ସଂଧ୍ୟା ଆଗମନ କାଳରେ ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହେବାକୁ ଗଲାବେଳେ ସ୍ୱର୍ଣ୍ଣ କିରଣରେ ପଶ୍ଚିମ ଆକାଶ ଆଚ୍ଛାଦିତ ହୋଇଯାଇ ଏକ ମନୋରମ ଦୃଶ୍ୟ ସୃଷ୍ଟି କରେ । ଏପ୍ରକାର ଦୃଶ୍ୟକୁ ଦେଖି କବିଙ୍କ ମନରେ ଆସୁଛି ସତେ ଯେପରି ସ୍ୱର୍ଣ୍ଣ ତୋରଣରୁ ଓହ୍ଲାଇ ଆସି ସ୍ୱର୍ଗର ଦେବକନ୍ୟା ସ୍ଫଟିକ ପାହାଚରେ ସୂଯ୍ୟଦେବଙ୍କୁ ପୂଜା ନୈବେଦ୍ୟ ଅର୍ପଣ କରୁଛନ୍ତି କି ?

ii) ବିସର୍ଜିଣ ଦେବ ତପନ ଗଲେ ଧରଣୀମାୟା
ବିସର୍ଜଇ ଯଥା ଜୀବାତ୍ମା ମୃତ ମାନବକାୟା ।

**ଭାବାର୍ଥ**

ସଂଧ୍ୟା ଆଗମନର ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହେବାକୁ ଗଲାବେଳେ ଆସ୍ତେ ଆସ୍ତେ ଓ ପୃଥିବୀରୁ ଆଲୋକ ଲିଭି ଲିଭି ଆସେ ଓ ଶେଷରେ ସୂର୍ଯ୍ୟାଲୋକ ସଂପୂର୍ଣ୍ଣ ଲିଭିଯାଏ ଏବଂ ଅନ୍ଧାର ଆସେ । ଏପ୍ରକାର ନୀତିକୁ କବି ଏଠାରେ ମରଣବେଳେ ଆତ୍ମା ଯେପରି ମର ଶରୀର ଛାଡ଼ି ଯାଏ ସେହିପରି ସୂର୍ଯ୍ୟ ଏହି ଧରିତ୍ରୀର ମାୟା ଛାଡ଼ି ଚାଲି ଯାଉଛି ବୋଲି ଏକ ଉପମା ଦେଉଛନ୍ତି ।

iii) ପ୍ରଦୋଷର ମୂର୍ତ୍ତି ଦିଶଇ ଶାନ୍ତ - ବିଷାଦମୟ
ଶତ ସୁଖ-ସ୍ମୃତି କରୁଛି ଆନ୍ଦୋଳିତ ହୃଦୟ ।

### ଭାବାର୍ଥ

ସଂଧ୍ୟା କାଳରେ ପୃଥିବୀର ମୂର୍ତ୍ତି ଖୁବ୍ ଶାନ୍ତ ଦେଖା ଯାଏ । ମାତ୍ର ଏ ପ୍ରକାର ଦୃଶ୍ୟ ଦୁଃଖ ପୂର୍ଣ୍ଣ ହୁଏ । କାରଣ ଦିନର କର୍ମ ଚଞ୍ଚଳ ଆଉ ନଥାଏ । ମନର ସରସତା ନଥାଏ । ମଣିଷ ଅତୀତ ଦିନର ସୁଖର ଘଟଣାକୁ ମନେ ପକାଏ । ଏହା ତା ମନରାଜ୍ୟକୁ ଆନ୍ଦୋଳିତ କରେ ।

iv) ନିୟତ ମେଲାଣି ଲାଗିଛି ଆହା ଏ ବିଶ୍ୱ ଦେଶେ
ଫାଟି ଯିବୁ କିରେ ହୃଦୟ ଦୁଃଖଭାର - ଆବେଶେ ?

### ଭାବାର୍ଥ

ଯିବା ଆସିବା ଅର୍ଥାତ ଜନ୍ମ ହେବା ଏବଂ ମୃତ୍ୟୁପରେ ଏ ସଂସାରରୁ ବିଦାୟ ନେଇ ଚାଲିଯିବା ସଂସାରର ନିୟମ । ମାତ୍ର ମଣିଷ ଏକଥା ନ ଭାବି ମୃତ୍ୟୁକାଳୀନ ବିଦାୟରେ ଅଧିକ ଦୁଃଖରେ ଭାଙ୍ଗି ପଡ଼େ । ଅନ୍ୟର ମୃତ୍ୟୁରେ ମଣିଷ ଏତେ ବ୍ୟତିବ୍ୟସ୍ତ ହୋଇ ପଡ଼େ ଯେ ସତେ ଯେପରି ତାହାର ହୃଦୟ ଫାଟି ପଡ଼ିବ କି ? ମୃତ୍ୟୁର ବିଷାଦଭାବ କବିଙ୍କୁ ବେଶି ଆନ୍ଦୋଳିତ କରିଛି ।

## ୧୩.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

୧) 'ଡାଆଣିଆ ଖରା' କବିତାରେ ଗ୍ରାମ୍ୟ ଜୀବନର ଏକ ପ୍ରାକୃତିକ ଦୃଶ୍ୟ କିପରି ବର୍ଣ୍ଣନା କରାଯାଇଛି ?

୨) 'ଡାଆଣିଆ ଖରା' କବିତାରୁ କବିଙ୍କର ପଲ୍ଲୀପ୍ରାଣତାର ପରିଚୟ ଦିଅ ।

୩) 'ଡାଆଣିଆ ଖରା' କବିତାରୁ କବିଙ୍କର କବିତ୍ୱ ସମ୍ପର୍କରେ ଆଲୋକପାତ କର ।

୪) 'ଡାଆଣିଆ ଖରା' କବିଙ୍କ ମନରେ କିପରି ରେଖାପାତ କରିଛି, ଆଲୋଚନା କର ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କାହାକୁ ଡାଆଣିଆ ଖରା କୁହାଯାଏ ?

ଖ) କବି କାହାକୁ ପିଣ୍ଡାରେ ବସିବାକୁ କହିଛନ୍ତି ଓ କାହିଁକି ?

ଗ) ସୂର୍ଯ୍ୟ ଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

ଘ) ସଂଧ୍ୟା କାଳରେ କିଏ କ'ଣ କରନ୍ତି ?

ଙ) କବିଙ୍କ ହୃଦୟ କାହିଁକି ଆନ୍ଦୋଳିତ ହୋଇଛି ?

## ୧୩.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର -**

i) ......................କୁ ଡାଆଣିଆ ଖରା କୁହାଯାଏ ।

(ସକାଳର ଖରା, ଶୀତଦିନର ଖରା, ବର୍ଷାଋତୁର ଖରା)

ii) ........................ ନଡ଼ିଆର ରସ ଦେବାକୁ କୁହାଯାଇଛି ।

(ପାରା ଦୁଇଟିକୁ, କୁକୁରକୁ, ମଣିଷଙ୍କୁ ଓ ବିଲୁଆକୁ)

iii) କୃଷ୍ଣ ରଥରେ .................... ମାନେ ବସି ପୃଥିବୀକୁ ଅବତରଣ କରନ୍ତି ।

(ଦେବକନ୍ୟା, ବାଳିକା, ଦେବତା)

iv) ସଂଧ୍ୟାରେ ଗୃହିଣୀମାନେ .................... ଜାଳନ୍ତି ।

(ଦୀପ, ମହମବତୀ, ନିଆଁ)

v) .......................... ଗାଈ ଧରି ଘରକୁ ସଂଧ୍ୟାବେଳେ ଫେରେ ।

(ଗାଈଆଳ, କୃଷକ, ଶ୍ରମିକ)

## ୧୩.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ସାଧାରଣତଃ ବର୍ଷାଋତୁରେ ବର୍ଷା ହେବାପରେ ଖରା ହୁଏ । ଏହି ଖରା ଖୁବ୍ ଟାଣ ହେଲେ ମଧ୍ୟ ବାଧେ ନାହିଁ । ଗାଁରେ ଲୋକମାନେ ଏହାକୁ ଡାଆଣିଆ ଖରା ବୋଲି କହିଥାନ୍ତି ।

ଖ) କବି ପାରା ଦୁଇଟିକୁ ତାଙ୍କ ପିଣ୍ଡାରେ ବସିବାକୁ କହିଛନ୍ତି । ତାଙ୍କୁ ସେ ନଡ଼ିଆର ରସ ଓ ପଦ୍ମ ପୋଖରୀ ପାଣି ପିଇବାକୁ ଓ ମାଳିଘର ଖଟଆଣି ଶୋଇବାକୁ ଦେବେ ବୋଲି କହିଛନ୍ତି । ଏହା ଲୋକକଥା । ଯାହା ଆମ ଗାଁ'ମାନଙ୍କରେ ପ୍ରଚଳିତ ।

ଗ) ସ୍ୱର୍ଗରୁ ଦେବକନ୍ୟାମାନେ ସ୍ୱର୍ଣ୍ଣ ମେଘମାଳା ରୂପକ ତୋରଣରୁ ଓହ୍ଲାଇ ସ୍ଫଟିକ ପାହାଚରେ ନୈବେଦ୍ୟ ଦେଉଛନ୍ତି ବୋଲି କବି ବର୍ଣ୍ଣନା କରିଛନ୍ତି ।

ଘ) ସଂଧ୍ୟାର ଆଗମନରେ ଗୃହିଣୀମାନେ ସଂଧ୍ୟା ଦୀପ ଜାଳି ପରିବାରର ମଙ୍ଗଳ ମନାସନ୍ତି । ଗାଈଆଳ ଗାଈଧରି ଘରକୁ ଫେରେ । କୃଷକ ବିଲରୁ ଫେରେ । ଶିଶୁମାନେ ଗୀତ ଗାଆନ୍ତି ।

ଙ) ସଂଧ୍ୟା ଆଗମନରେ ପୃଥିବୀର ମୂର୍ତ୍ତି ଖୁବ୍ ଶାନ୍ତ ଓ ଗଭୀର ଦେଖାଯାଏ । ଏହି ଅବକାଶରେ କବି ତାଙ୍କ ଅତୀତ ଦିନର ସୁଖ ଘଟଣାଗୁଡ଼ିକୁ ମନେ ପକାଉଥିବାରୁ ଏହା ତାଙ୍କ ହୃଦୟକୁ ଆନ୍ଦୋଳିତ କରିଛି ।

## ୧୩.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i) ବର୍ଷାଋତୁର ଖରା    ii) ପାରା ଦୁଇଟିକୁ    iii) ଦେବକନ୍ୟା

iv) ଦୀପ    v) ଗାଈଆଳ

•••

# ୧୪
# ଶେଫାଳି ପ୍ରତି

କୁନ୍ତଳା କୁମାରୀ ସାବତ

## ୧୪.୧ କବିତାର ପୃଷ୍ଠଭୂମି

ନାରୀକବି କୁନ୍ତଳା କୁମାରୀ ସାବତଙ୍କ 'ଶେଫାଳି ପ୍ରତି' ଏକ ସମ୍ବୋଧନ ଗୀତି କବିତା । ଶେଫାଳି ଫୁଲକୁ ସମ୍ବୋଧନ କରି କୁନ୍ତଳା କୁମାରୀ ତାଙ୍କ ମନର ଗୋପନଭାବକୁ ପ୍ରକାଶ କରିଛନ୍ତି । କୌଣସି ଏକ ଦିନ ସଂଧ୍ୟା ସମୟରେ କବି ସ୍ୱ ବାସଗୃହର ଝରକା ପାଖରେ ବସିଛନ୍ତି । ଆକାଶରେ ଚନ୍ଦ୍ର ଉଦୟ ହେଉଥିବା ସମୟ । ଏହି ସଂଧ୍ୟାରେ ସ୍ୱଳ୍ପ ଦୂରରେ ଫୁଟିଥିବା ଶେଫାଳି ଫୁଲର ବାସ୍ନା କବିଙ୍କ ମନରେ ଭାବାନ୍ତର ସୃଷ୍ଟି କରିଛି ।

ପ୍ରକୃତରେ ଶେଫାଳି ଫୁଲ ଲତାମାଳରେ ସଂଧ୍ୟାରେ ଫୁଟି ଥାଏ ଏବଂ ସକାଳକୁ ଝରି ମାଟିରେ ପଡ଼ିଥାଏ । ଏହି ଗୋଟିଏ ରାତ୍ରିର ଜୀବନକାଳ ମଧ୍ୟରେ ଶେଫାଳି ଫୁଲ ତା'ର ସୁଗନ୍ଧଭରା ବାସ୍ନା ଦ୍ୱାରା ଜଗତବାସୀଙ୍କ ମନକୁ ମୋହିବାରେ ସକ୍ଷମ ହୋଇଥାଏ ।

ଶେଫାଳି ଫୁଲର ବାସ୍ନା । ଏଣେ ସଂଧ୍ୟା ସମୟ । ପୁଣି ଆକାଶରେ ଜହ୍ନ ଉଇଁ ଆସୁଛି । ଏ ପ୍ରକାର ମନମତାଣିଆ ପରିବେଶ କବି କୁନ୍ତଳା କୁମାରୀ ସାବତଙ୍କ ଭାବନା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଦୁଇଟି କଥା ତାଙ୍କ ମନରେ ଆସିଛି । ଗୋଟିଏ ହେଲା ଶେଫାଳି ଫୁଲକୁ ଏବଂ ତା'ର ମହତ୍ୱକୁ ଅନୁଶୀଳନ କରି ଦାର୍ଶନିକ ଭାବନାରେ ମଜ୍ଜିଯାଇଛନ୍ତି । ଅନ୍ୟ ପକ୍ଷରେ ତାଙ୍କ ମଧ୍ୟରେ ଈଶ୍ୱର / ସୃଷ୍ଟିକର୍ତ୍ତା ଭଗବାନଙ୍କୁ ଭକ୍ତିଭାବ ସୃଷ୍ଟି ହୋଇଛି ।

## ୧୪.୨ କବିତାର ଆଭିମୁଖ୍ୟ

କବି ଶେଫାଳି ଫୁଲକୁ ସମ୍ବୋଧନ କଲାବେଳେ ମଣିଷ ଜୀବନର ମହତ୍ୱ କଥା ଭାବିଛନ୍ତି । ଶେଫାଳିଫୁଲ କ୍ଷଣିକକୁ ଆମୋଦିତ କରିବାରେ ସକ୍ଷମ ହୋଇପାରେ । ମଣିଷ ତାହେଲେ ଏତେବର୍ଷ ଜୀବିତ ରହିବା ମଧ୍ୟରେ ତା'ର ଉତ୍ତମ ଗୁଣକୁ ସେ କାହିଁକି ପ୍ରକାଶ କରିପାରିବନି ? ମାତ୍ର ପାରିବ ବୋଲି କବିଙ୍କ ମନରେ ଦୃଢ଼ ଆଶା ଓ ବିଶ୍ୱାସ ଜନ୍ମିଛି । ଶେଫାଳିଫୁଲ ସହିତ ମଣିଷ ଜୀବନକୁ ତୁଳନା କରି କବି ଜଗତବାସୀଙ୍କୁ ଏକ ମୂଲ୍ୟବାନ ବାର୍ତ୍ତା ଦେଇଛନ୍ତି ଯେ ମଣିଷ ନିଜକୁ ନିରାଶ, ହତାଶ ମଧ୍ୟକୁ ନିଜକୁ ଠେଲି ଦେଇ କଷ୍ଟ ଯନ୍ତ୍ରଣା ପାଇବା ଉଚିତ ନୁହେଁ । ଶେଫାଳି ଫୁଲର ଆଦର୍ଶ ଆମକୁ ନିରୀକ୍ଷଣ କରିବାକୁ ସେ ଏହି କବିତା ମାଧ୍ୟମରେ ପରାମର୍ଶ ଦେଇଛନ୍ତି ।

ଈଶ୍ୱର ବା ସୃଷ୍ଟିକର୍ତ୍ତା ଭଗବାନଙ୍କ ପ୍ରତି ଆମେ ଭକ୍ତି ଓ ବିଶ୍ୱାସ ରଖିବା ଉଚିତ । କାରଣ ସେ ଏ ଜଗତର ସ୍ରଷ୍ଟା ।

## ୧୪.୩ ମୂଳ ପାଠ

ଶେଫାଳି !
କେଉଁ ଦୂର ତରୁବରେ ଫୁଟିଅଛୁ ଗୋପନେ,
ଭୁରୁ ଭୁରୁ ଗନ୍ଧ ତୋର ଭାସି ଆସେ ପବନେ
ବାତାୟନ ପାଶେ ବସି ଚାହେଁ ନବୋଦିତ ଶଶୀ
ହସି ହସି ସତେ ଉଇଁ ଆସେ ଦୂର ଗଗନେ
ଭାବାବେଶେ ମୁଗ୍ଧ ମୁଁ କି ମଜ୍ଜି ଅଛି ସ୍ୱପନେ ! ।୧ ।
ଭାବରାଜ୍ୟେ ବୁଲେ ସତ ହଜିଅଛି ଚେତନା
ଅନ୍ତର ଅନନ୍ତ ରାଜ୍ୟେ ପୂରିଅଛି କଳ୍ପନା
ବିଶାଳ ଏ ବିଶ୍ୱକ୍ଷେତ୍ରେ ଅର୍ଦ୍ଧନିମୀଳିତ ନେତ୍ରେ
ଦେଖେଁ ସତେ ଶୋଭାରାଶି ପଡୁଅଛି ଉଛୁଳି
ତହିଁ ସୁଧା ଢ଼ାଳୁ କିରେ ଗନ୍ଧେ ଗଙ୍ଗଶିଉଳି ।୨ ।
ଶାରଦ ଦିନାନ୍ତେ ବସି ବାତାୟନ ପାଶରେ
ବୁଡ଼ିଅଛି ମନ ମୋର କିବା ପ୍ରେମ ରସରେ;
ଆବେଗେ ପୁଲକ ମୋର ନୟନରୁ ବହେ ଧାର
ହୃଦ ତନ୍ତ୍ରୀ ବାଜିଉଠେ କି ଅମୃତ ସୁସ୍ୱରେ,
ନିମିଷେ ଭାବଇଁ ମୁଁ ତ ଅଛି ଅବା ସ୍ୱର୍ଗରେ ।୩ ।
ସାରାଦିନ ପରିଶ୍ରମ କ୍ଳେଶ କ୍ଳାନ୍ତି ଅଶେଷ,
ନାନା ଚିନ୍ତା ରୋଗ ଶୋକ କଷ୍ଟ ଦେଲା ବିଶେଷ,
ତହୁଁ ରବି ଅସ୍ତାଚଳେ ଧୀରେ ଧୀରେ ଢ଼ଳିଗଲେ,
ସାନ୍ଧ୍ୟଗାଥା ଗାଇ ପକ୍ଷୀ ଫେରିଲେ ସ୍ୱ ସଦନେ
ତମୋରାଶି ବୋଳି ଦେଲା ନିଶା ଧରା ଆନନେ ।୪ ।
ନୀଳ ନଭ ମଣ୍ଡି ଧୀରେ ହସି ଦୀପ୍ତ ଲୋଚନେ,
ଦେଖାଦେଲେ ଶତ ଶତ ତାରା ଜ୍ୟୋତି ବସନେ,
ଅଙ୍ଗେ ବୋଳି ସୁଧାରାଶି ଶଶାଙ୍କ ଉଇଁଲା ଆସି
ଝରି ଝରି ପଡ଼ିଲା କି ଭୁବନରେ ଅମୃତ,
ସତେ କି ଧରଣୀରାଣୀ ଦୁଃଖ ହେଲା ବିସ୍ମୃତ ।୫ ।
ରବି ବିରହରେ ଧନୀ କାନ୍ଦିଥିଲା ମଉନେ,
ଅନ୍ଧକାରେ ନତନେତ୍ର ବିଷାଦିତ ବଦନେ,
ଚାନ୍ଦ କି ଆସିଲା ଉଇଁ ଚାନ୍ଦିନୀ ଚୁମ୍ବିଲା ଭୂଇଁ
ହସିଲା କି ବସୁମତୀ ଚାରୁ ଶୁଭ୍ର ଦୁକୂଳେ,
ଫୁଟିଲୁ ଶେଫାଳୀ ରହି ତୁ କି ପ୍ରେମ ଆକୁଳେ ।୬ ।

## ଶେଫାଳି ପ୍ରତି

ଶେଫାଳି !
 କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ,
ବିହି ଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ,
ଗୋପନେ ଫୁଟିଛୁ ଦୂରେ          ତରୁପତ୍ର ଗହଳରେ
ତଥାପି ତୋ ବାସେ ମୋର ପ୍ରାଣ ହୁଏ ଆକୁଳ
କହ କେଉଁ ଶିଳ୍ପୀ ତୋତେ ଗଢ଼ିଅଛି, ରେ ଫୁଲ ।୭ ।
କି କୋମଳ କି ଲଳିତ କି ମଧୁର ସୁରଭି,
କର୍କଶ କୁତ୍ସିତ ପଣେ ଶୋଭେ କିନ୍ତୁ ଅଟବୀ,
ରୁକ୍ଷ ପତ୍ରରାଶି କୋଣେ          ଫୁଲ ଫୁଟୁ ଏତେ ଗୁଣେ
ଲୁଚି ଲୁଚି ବାସେ ତୋର ମୁଗ୍ଧ କରୁ ସଂସାର,
ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର ।୮ ।
ପଙ୍କେ ପଦ୍ମଗଢ଼ିଅଛି ବିଧାତା କି ଯତନେ,
ଶାମୁକା ଗରଭେ ନିହିଅଛି ମୁକ୍ତା ରତନେ,
କଳାମେଘ କଳେବରେ          ସୌଦାମିନୀ ଶୋଭା ଧରେ
କଳ କୋକିଳ କଣ୍ଠରେ ପୁରିଅଛି ପୀୟୁଷ,
ତୁଚ୍ଛ ଭବେ ନୋହେ କିଛି କ୍ଷୁଦ୍ର ତୋର ସଦୃଶ ।୯ ।
ଶେଫାଳି !
ମନେ ମନେ ରୂପ ତୋର କଳ୍ପନାରେ ଆସେ କି,
ଭାବି ଭାବି କଥା ତୋର ଉଲ୍ଲାସରେ ଭାସେ କି,
ଏକ ରାତ୍ରି, ପାଇଁ ଫୁଟି          ସୁବାସେ ଯାଉଛୁ ଲୋଟି,
କ୍ଷୁଦ୍ର ତୋର ଜୀବନରେ ସୁମହତ ବିକାଶ,
କ୍ଷୁଦ୍ର ବୋଲି ମୁହିଁ କିମ୍ପା ହୋଇବି ରେ ନିରାଶ ।୧୦ ।
ଶେଫାଳି !
କ୍ଷୁଦ୍ର ମୁହିଁ ଦୀନ ମୁହିଁ ରେଣୁକଣା ଜଗତେ,
ଚାହିଁଲେ ବିଶାଳ ବିଶ୍ୱ ଆସୁଛି କି ପରତେ,
କ୍ଷୁଦ୍ର ହେଲେ ସୁଦ୍ଧା ମୁହିଁ          ଅକାରଣେ ଜନ୍ମି ନାହିଁ
ଅନନ୍ତ ବିନାଶ ମୋର ଲେଖା ନାହିଁ କପାଳେ,
ଏକ ରାତି ପାଇଁ ଫୁଟି ଝଡ଼ି ଯିବି ସକାଳେ ।୧୧ ।
ଶେଫାଳି !
ନିତି ପ୍ରାତେ ଦେଖେ ପଡ଼ିଅଛୁ ତରୁମୂଳରେ,
ଢ଼ଳ ଢ଼ଳ ହିମ ବିନ୍ଦୁ ଶୋଭେ ଶୁଭ୍ର ଦଳରେ,
ସ୍ଫଟିକେ ପ୍ରବାଳ ପରା          ଗଠିତେ ତୋ ତନୁ ତୋରା,
ମନୋନ୍ମାଦକର ତହିଁ ପୂରିଅଛି ସୁବାସ,
କି କୋମଳ କି ମୋହନ କି ଲଳିତ ବିକାଶ ।୧୨ ।

ଶେଫାଳି !
କି ଯତନେ ଆହରି ମୁଁ ଗୁନ୍ଥେ ମାଳା ଆଦରେ,
ପୁଲକିତ ପ୍ରେମ ସ୍ପର୍ଶେ ଦୋଳାଏ ମୋ କଣ୍ଠରେ,
ଧୀରେ ପରଶି ଅଧରେ          କେତେ ମୁଁ ତୋତେ ଆଦରେ
କି ବୁଝିବୁ ପ୍ରାଣହୀନ ଆକୁଳତା ମୋହର,
କେତେ ପ୍ରେମ କରେ ତୋତେ ଗୋପନେ ମୋ ଅନ୍ତର ।୧୩।
ଶେଫାଳି !
କହେ ତୋ ଆଗରେ ସବୁ, ତୁ କି ବନ୍ଧୁ ଜୀବିତ,
ହେଲେ ମୋ ହୃଦୟ ଶତ ବେଦନାରେ ବ୍ୟଥିତ,
ଆପଣା ମନେ ମୁଁ ଭାଷେ          ତୋତେ ଶୁଣାଇବା ଆଶେ
ଶୁଣୁ କି ନ ଶୁଣୁ ଏକା ଜାଣୁ ତୁହି ସୁମନ,
ବୁଝୁ କି ନ ବୁଝୁ ମୋର ଶତ ପ୍ରୀତି ବଚନ ।୧୪।
ଶେଫାଳି !
କହି କହି କିନ୍ତୁ ମୁହିଁ ଲଭେ ପ୍ରାଣେ ଆରାମ,
ତୋ ବୁଝିବା ନ ବୁଝିବା ମୋର ପକ୍ଷେ ସମାନ ।
କହୁଥିବି ଦିବା ରାତି          ପ୍ରାଣେ ତ ଲଭିବି ଶାନ୍ତି
ତୋ ଉଦ୍ଦେଶେ ଆରେ ଫୁଲ ମୋ ପ୍ରାଣର ଏ ବ୍ୟଥା,
ତୁ ନ ଶୁଣୁ, ଆଉ ଜଣେ ଶୁଣିବ ତ ମୋ କଥା ।୧୫।
ଶେଫାଳି !
ମୋ ଜୀବନ ଶେଷକାଳେ ପଡ଼ିବି ତ ମୁଁ ଝରି,
ତୋଳିନେବ ନାହିଁ କି ସେ ମୋତେ ଯତ୍ନେ ଆହରି,
ମୋର ଆତ୍ମାଫୁଲ ଟାରୁ          ଚରଣେ ଦଳିବା ଠାରୁ
ତାର ପ୍ରିୟ ନିକେତନ ସଜାଇବ ନେଇ ସେ,
ତୋଷିବ ପ୍ରାଣଟି ମୋର ଯେତେ ପ୍ରେମ ଦେଇ ସେ ।୧୬।
ଶେଫାଳି !
ତୋହ ପରି କ୍ଷୁଦ୍ର ମୁହିଁ, ତୋହ ପରି କ୍ଷଣିକ,
ହସେ ବାସେ ରସେ ମାତ୍ର ଫୁଟି ଅଛି ଘଡ଼ିକ,
ମାଟିରେ ମିଶିବୁ ତୁହି          ମାଟିରେ ମିଶିବି ମୁହିଁ,
ତଥାପି ମୋ ଆତ୍ମା ଫୁଲ ନ ଯିବ ରେ ମଉଳି,
ତେଣୁ ଆଶା ବହି ଦିନ କାଟେ ଗଙ୍ଗଶିଉଳି ।୧୭।

ଶେଫାଳି !
ଶେଷ ଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ,
ମରିବାକୁ ଫୁଟି ନାହିଁ ଭବ-ତରୁ ଡାଳରେ,
ଅଛି ରମ୍ୟ ଉପବନ ଯହିଁ ଫୁଟି ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ
ମୋହିତ ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ ।୧୮ ।
ଶେଫାଳି !
ମୃଣ୍ମୟ ଶରୀର ତୋର ଏଡ଼େ ଚାରୁଶୋଭିତ,
ନ ଜାଣି ମୋ ଆତ୍ମା ଫୁଲି କି ସୌନ୍ଦର୍ଯ୍ୟେ ଚିତ୍ରିତ,
ତୁ ଯଦି ମୋ ନେତ୍ର ପ୍ରିୟ ତାଙ୍କ ନେତ୍ରେ ହେବି ହେୟ
ମୁଁ କି, କେଉଁକାଳେ ମୋର ନ ହୁଏ ତ ବିଶ୍ୱାସ ?
ଫୁଟିବି ମୁଁ ଚିରଦିନ ନ ହେବ ମୋ ବିନାଶ ।୧୯ ।

## ୧୪.୪ କବିତାର ସାରାଂଶ

ଶାରଦୀୟ ସଂଧ୍ୟା ସମୟରେ ସ୍ୱବାସ ଗୃହର ଝରକା ପାଖରେ ବସିଥିଲା ବେଳେ ସ୍ୱଳ୍ପ ଦୂରରୁ ଶେଫାଳିଫୁଲର ବାସ୍ନାରେ କୁନ୍ତଳାକୁମାରୀ ବିମୋହିତ ହୋଇ ପଡ଼ିଛନ୍ତି । ତାଙ୍କ ମନରେ ଅନେକ ଭାବନା ସୃଷ୍ଟି ହୋଇଛି । ତେଣୁ ସେ ଶେଫାଳି ଫୁଲକୁ ସମ୍ବୋଧନ କରିବା ଛଳରେ ସ୍ୱମନୋଭାବକୁ ବ୍ୟକ୍ତ କରିଛନ୍ତି ଆବେଗଭରା କଣ୍ଠରେ । ଶେଫାଳି ଫୁଲର ବାସ୍ନା ତାଙ୍କୁ ଏଭଳି ଭାବରେ ଆମୋଦିତ କରିଛି ଯେ ସେ ସାଧାରଣ ଭାବରାଜ୍ୟରୁ ଅନ୍ୟ ଏକ ଭାବରାଜ୍ୟକୁ ଚାଲିଯାଇଛନ୍ତି । ଶେଫାଳି ଫୁଲର ବାସ୍ନା କବିଙ୍କ ମନରେ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ଉଦ୍ରେକ କରିବାରେ ମଧ୍ୟ ସହାୟକ ହୋଇଛି । ସେ ଭାବନା ମଧ୍ୟରେ ସେ ସ୍ୱର୍ଗୀୟ ଅନୁଭବ ପାଇଛନ୍ତି ।

ସଂଧ୍ୟା ଆଗମନରେ ସୂର୍ଯ୍ୟ ପଶ୍ଚିମ ଆକାଶରେ ଅସ୍ତ ହୋଇଯାଉଛନ୍ତି । ପକ୍ଷୀମାନେ ଗୀତ ଗାଇଗାଇ ବସାକୁ ଫେରୁଛନ୍ତି । ଆକାଶରେ ଗୋଟିଏ ପରେ ଗୋଟିଏ ତାରା ଦେଖା ଦେଉଛନ୍ତି । ଚନ୍ଦ୍ର ଉଇଁ ଆସିଲା ପରେ ପୃଥିବୀ ସାରା ଚନ୍ଦ୍ରକିରଣ ବିଚ୍ଛୁରିତ ହୋଇଯାଉଛି । ଏହି ସମୟରେ ଶେଫାଳି ଫୁଲ ଫୁଟି ପ୍ରକୃତିକୁ ଆହୁରି ଶୋଭାମୟୀ କରୁଛନ୍ତି ବୋଲି କବି ଭାବିଛନ୍ତି । କବି ଶେଫାଳିଫୁଲ ମହତ୍ତ୍ୱକୁ ଉଲ୍ଲେଖ କରି କହୁଛନ୍ତି ଯେ ପତ୍ର ମହକରେ ଫୁଟି ଥିଲେ ମଧ୍ୟ ସୁବାସରେ ଜଗତବାସୀ ମୁଗ୍ଧ ହୋଇଯାଆନ୍ତି । ପଙ୍କରେ ପଦ୍ମ ଏବଂ ଶାମୁକା ଗର୍ଭରେ ମୁକ୍ତା ଯେପରି ଥାଏ, ସେହିପରି ଜଗତବାସୀଙ୍କ ଅଲକ୍ଷ୍ୟରେ ଶେଫାଳି ଫୁଟିଲେ ମଧ୍ୟ ତାର ମହକ ଫୁଟି ଉଠେ ।

କ୍ଷଣିକ ସମୟ ମଧ୍ୟର ଶେଫାଳିଫୁଲ ତାର ଏତେ ଗୁଡ଼ିଏ ମହନୀୟତା ପ୍ରକାଶ କରିବାକୁ ସକ୍ଷମ ହେଉଥିବା ଅନୁଭବ କରି କୁନ୍ତଳା କୁମାରୀ ଅନୁପ୍ରାଣିତ ହୋଇ ଭାବୁଛନ୍ତି ଜଗତକର୍ତ୍ତାଙ୍କ ସୃଷ୍ଟିରେ ଶେଫାଳି ଫୁଲ ପରି ସେ କ୍ଷୁଦ୍ର ହେଲେ ମଧ୍ୟ ଭଗବାନଙ୍କ ସୃଷ୍ଟିର ସଫଳତା ଆଣିବାରେ ସହାୟକ ହେବେ ଏବଂ ଈଶ୍ୱରଙ୍କ ଇଚ୍ଛା ପୂରଣ କରିବେ ।

ଶେଫାଳି ଫୁଲକୁ ସମ୍ବୋଧନ କରି କବି ନିଜର ଈଶ୍ୱରଙ୍କ ପ୍ରତି ଭକ୍ତି ଅନୁରାଗକୁ ଆବେଗଭରା କଣ୍ଠରେ ପ୍ରକାଶ କରିଛନ୍ତି । ତାଙ୍କ ମନରେ ଗଭୀର ଆଶା ବିଶ୍ୱାସ ଜନ୍ମିଛି । ତାଙ୍କ ଦୃଷ୍ଟିରେ ସେ କେବଳ ଏ ସଂସାରକୁ ମରିବାକୁ ଆସି ନାହାନ୍ତି ବରଂ ଭଗବାନଙ୍କ ପଦାରବିନ୍ଦରେ ଭକ୍ତିର ନୈବେଦ୍ୟ ଅର୍ପଣ କରି ପରମ ଆନନ୍ଦ ଲାଭ କରିବେ । କବି ଶେଫାଳି ଫୁଲର ମହନୀୟତାରୁ ଅନେକ କିଛି ଶିକ୍ଷା କରିଛନ୍ତି ।

## ୧୪.୫ କବି ପରିଚୟ

କୁନ୍ତଳା କୁମାରୀ ୧୯୦୧ ମସିହା ଫେବୃଆରୀ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ବାପା ଦାନିଏଲ୍ ସାବତ ଜଣେ ଡାକ୍ତର ଥିଲେ । ବର୍ମାକୁ ବାପାଙ୍କ ବଦଳି ହେବା ପରେ କୁନ୍ତଳାଙ୍କ ବାଲ୍ୟ ଜୀବନ ବର୍ମାରେ କଟିଥିଲା । କଟକରେ ଡାକ୍ତରୀ ପଢ଼ି ଡାକ୍ତର ହେଲେ । ବାଲ୍ୟକାଳରୁ ତାଙ୍କର ସାହିତ୍ୟ ପ୍ରତି ଅନୁରାଗ ଥିଲା । ସେ ଏକାଧାରରେ ଜଣେ କବି ଓ ଔପନ୍ୟାସିକା ଥିଲେ । ତାଙ୍କର କବିତା ସଂକଳନ ମଧ୍ୟରେ ଅଞ୍ଜଳି, ଅର୍ଚ୍ଚନା, ଉଚ୍ଛ୍ୱାସ ଏବଂ ଭ୍ରାନ୍ତି, କାଳିବୋହୂ, ପରଶମଣି, ନଅତୁଣ୍ଡୀ ତାଙ୍କର ୪ଟି ଉପନ୍ୟାସ । ୧୯୩୭ ମସିହାରେ ତାଙ୍କର ମୃତ୍ୟୁ ହୋଇଥିଲା ।

## ୧୪.୬ କଠିନ ଶବ୍ଦାର୍ଥ

ତରୁବର - ବୃକ୍ଷ
ଗୋପନେ - ଅଲକ୍ଷ୍ୟରେ
ବାତାୟନ - ଝରକା
ନବୋଦିତ ଶଶୀ - ନୂତନ ଭାବେ ଉଦୟମାନ ଚନ୍ଦ୍ର
ଗଗନ - ଆକାଶ
ସୁଧା - ଅମୃତ
ଦିନାନ୍ତେ - ଦିନ ଶେଷରେ
ଅସ୍ତାଚଳେ - ପଶ୍ଚିମ ଆକାଶରେ
ସ୍ୱସଦନ - ନିଜ ବସା ବା ଘର
ତମୋରାଶି - ଅନ୍ଧାର
ଆନନ - ମୁଖ
ନଭ - ଆକାଶ
ଶଶାଙ୍କ - ଚନ୍ଦ୍ର, ଜହ୍ନ
ଚାନ୍ଦ - ଚନ୍ଦ୍ର
ଅଟବୀ - ବୃକ୍ଷ
ନିହିଅଛି - ସାଇତା ହୋଇ ରହିଛି

ସୁରଭି - ସୁଗନ୍ଧ, ବାସ୍ନା
ସୌଦାମିନୀ - ବିଜୁଳି
ପୀୟୂଷ - ଅମୃତ
ସ୍ଫଟିକ ପ୍ରବାଳ - ଧଳା ପ୍ରବାଳ ମଣି
ସୁମନ - ଫୁଲ
ମୃଣ୍ମୟ ଶରୀର - ମାଟିର ଦେହ

## ୧୪.୭ ଭାବ ଅବବୋଧ

କ) 'କ୍ଷୁଦ୍ର ତୋର ତନୁ ତହିଁ ଭରା ଏତେ ଅମୃତ
ବିହିଲୀଳା କେ ବୁଝିବ ଜ୍ଞାନାତୀତ ଅଦ୍ଭୁତ ।'

ଶେଫାଳି ଫୁଲ ଅତି କ୍ଷୁଦ୍ର ହେଲେ ମଧ୍ୟ ତା' ଗୁଣରେ ରହିଛି ଅନେକ ମହତ୍ୱ, ଅନେକ ଗୁଣର ଅଧିକାରୀ ହୋଇଛି ଶେଫାଳି ଫୁଲ । ଭଗବାନ ସୃଷ୍ଟିରେ ଏପ୍ରକାର ବୈଚିତ୍ର୍ୟ ସାଧାରଣ ମଣିଷ ବୁଝି ପାରିବ ନାହିଁ । ବଡ଼ ଅଦ୍ଭୁତ ଭଗବାନଙ୍କ ଲୀଳା । ଏହି ପଦ୍ୟରେ ଭଗବାନଙ୍କ ସୃଷ୍ଟିର ବୈଚିତ୍ର୍ୟ କଥା କୁହାଯାଇଛି ।

ଖ) ଲୁଚି ଲୁଚି ବାସେ ତୋର ମୁଗ୍ଧ କରୁ ସଂସାର
ନୀଚ ମଧ୍ୟେ ଉଚ୍ଚ ସୃଷ୍ଟି ବିଧାତାର ବିଚାର ।

ଶେଫାଳି ଫୁଲ ଲୋକ ସମାଜର ଅଲକ୍ଷ୍ୟରେ ରହି ମଧ୍ୟ ନିଜର ସୁବାସ ଦ୍ୱାରା ଜଗତ ଲୋକଙ୍କର ମନକୁ ମୁଗ୍ଧ କରିବାରେ ସମର୍ଥ ହୋଇପାରେ । ଛୋଟ ମଧ୍ୟରେ ବଡ଼ ଭାବ ସୃଷ୍ଟି କରିବା ହେଉଛି ଭଗବାନଙ୍କ ବିଚାର । ତେଣୁ ଏଥିରୁ ବୁଝା ପଡ଼େ ଛୋଟ ଭିତରେ କେବଳ କ୍ଷୁଦ୍ର ଭାବନା ବା ଗୁଣ ଥାଏ, ତା ମଧ୍ୟରେ ମହତ୍ୱପୂର୍ଣ୍ଣ ଗୁଣ ବା ଉଚ୍ଚଭାବ ମଧ୍ୟ ଭଗବାନ ସୃଷ୍ଟି କରିଥାନ୍ତି ।

ଗ) ପଙ୍କେ ପଦ୍ମ ଗଢ଼ିଅଛି ବିଧାତା କି ଯତନେ
ଶାମୁକା ଗରଭେ ନିହିଅଛି ମୁକ୍ତା ରତନେ ।

ଏ ସୃଷ୍ଟିରେ ଭଗବାନଙ୍କ ବୈଚିତ୍ର୍ୟ ମଧ୍ୟରେ ଅନେକ ପଦାର୍ଥ ଅଛି । ଯେପରି ପଙ୍କରୁ ପଦ୍ମ ଫୁଲର ଜାତ, ଶାମୁକା ଭିତରେ ମୁକ୍ତାର ସୃଷ୍ଟି । ଏ ସବୁ ସୃଷ୍ଟିରେ ବିରୋଧାଭାସ ରହିଥିଲେ ମଧ୍ୟ ଭଗବାନ ତାହାକୁ ସମ୍ଭବ କରିଛନ୍ତି ।

ଘ) କଳ କୋକିଳ କଣ୍ଠେ ପୂରି ଅଛି ପୀୟୁଷ
ତୁଚ୍ଛ ବନେ ନୋହେ କିଛି କ୍ଷୁଦ୍ର ତୋର ସଦୃଶ ।

ଭଗବାନଙ୍କ ସୃଷ୍ଟିର ବୈଚିତ୍ର୍ୟ ମଧ୍ୟରେ ପୁଣି ରହିଛି କୋଇଲି କଳା ହେଲେ ମଧ୍ୟ ତାର କଣ୍ଠସ୍ୱର ଅତି ମଧୁର । ଅର୍ଥାତ୍ ଅମୃତ ସଦୃଶ । ତେଣୁ ଏ ସଂସାରରେ ତୋର ଶରୀର ଅତି ଛୋଟ ହେଲେ ମଧ୍ୟ ତୁଚ୍ଛ ବା ଅବାଞ୍ଛିତ ନୁହେଁ । ତେଣୁ ଭଗବାନ ସୃଷ୍ଟିରେ କାହାକୁ ହୀନ ବା ତୁଚ୍ଛ ବୋଲି ବିଚାର କରିବା ଉଚିତ ନୁହେଁ ।

ଙ) ଶେଷଗତି ନୁହେଁ ମୋର ମୃତ୍ୟୁ କେଉଁ କାଳରେ
ମରିବାକୁ ଫୁଟି ନାହିଁ ଭବ-ତରୁ ଡାଳରେ ।

କବିଙ୍କ ମନରେ ଦୃଢ଼ ବିଶ୍ୱାସ ଆସିଛି ଯେ ମଣିଷ ଏ ସଂସାରକୁ କେବଳ ମରିବାକୁ ଆସିନାହିଁ ବା ମୃତ୍ୟୁ ଜୀବନର ଶେଷ ଗତି ନୁହେଁ । ଏ ସଂସାରରେ ବଂଚି ରହିଲା ବେଳେ କିଛି କାମ କରିବାକୁ ପଡ଼ିବ ଯାହା ସଂସାରର ମଙ୍ଗଳ ହେବ ଏବଂ ଜୀବନର ସାର୍ଥକତା ଆସିବ । ତେଣୁ କୌଣସି ପ୍ରକାରେ ଏ ସଂସାରରେ ନିରାଶ ହେବା ଉଚିତ ନୁହେଁ ।

## ୧୪.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

କ) 'ଶେଫାଳି ପ୍ରତି' କବିତାରେ ଶେଫାଳି ଫୁଲକୁ ସମ୍ବୋଧନ କରି କବି କ'ଣ କହିଛନ୍ତି ?
ଖ) 'ଶେଫାଳି ପ୍ରତି' କବିତାରେ କବିଙ୍କ ମନରେ କି ଭାବାଦର୍ଶ ସୃଷ୍ଟି ହୋଇଛି ?
ଗ) 'ଶେଫାଳି ପ୍ରତି' କବିତାରୁ କବିଙ୍କ ପ୍ରେମାବେଗର ସ୍ୱରୂପ ନିର୍ଣ୍ଣୟ କର ।
ଘ) 'ଶେଫାଳି ପ୍ରତି' କବିତାରୁ କବିଙ୍କର ବିଭୁଭକ୍ତିର ପରିଚୟ ଦିଅ ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) କିଏ, କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?
ଖ) କିଏ କେତେବେଳେ ସ୍ୱପ୍ନରେ ମଜ୍ଜି ଯାଇଥିଲେ ?
ଗ) ସଂଧ୍ୟା ସମୟରେ କି ପରିବେଶ ସୃଷ୍ଟି ହୋଇଥିଲା ବୋଲି କବି କହିଛନ୍ତି ?
ଘ) ପଦ୍ମ ଓ ମୁକ୍ତା କେଉଁଠାରେ ସୃଷ୍ଟି ହୁଅନ୍ତି ?
ଙ) କବି କାହିଁକି ନିରାଶ ହେବେ ନାହିଁ ବୋଲି କହିଛନ୍ତି ?

## ୧୪.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର-**

କ) ଶେଫାଳି ଫୁଲ ...................... ଫୁଟିଥାଏ । (ଗଛରେ, ନଈକୂଳରେ, ଲତାରେ)

ଖ) ବାତାୟନ ପାଖରେ .................. ବସିଥିଲେ ।
(କୁନ୍ତଳା କୁମାରୀ, ଶେଫାଳି ଫୁଲ, ମୀରା କୁମାରୀ)

ଗ) ସଂଧ୍ୟା ଗାଥା ଗାଇ ................... ସ୍ୱସଦନକୁ ଫେରି ଆସନ୍ତି ।
(ପକ୍ଷୀମାନେ, ମାଙ୍କଡ଼, ବାଘ)

ଘ) ..................ର ମଧୁର ଓ ଲଳିତ ସ୍ୱର । (କୋଇଲି, କୁଆ, ଶୁଆ)

ଙ) .................... ପଦ୍ମର ସୃଷ୍ଟି । (ପଙ୍କରୁ, ବିଲରୁ, ଗଛରୁ)

ଚ) କଳାମେଘ କୋଳରେ ...................... ଶୋଭାଧାରଣ କରେ । (ବିଜୁଳି, ବଗ, ପାରା)

## ୧୪.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

କ) ଶେଫାଳି ଫୁଲ ସୁଦୂର ଲତାରେ ସମସ୍ତଙ୍କ ଅଲକ୍ଷ୍ୟରେ ଫୁଟିଛି ଏବଂ ତାର ବାସ୍ନା ବା ସୁଗନ୍ଧ ପବନରେ ଭାସି ଆସୁଛି ।

ଖ) କବି କୁନ୍ତଳା କୁମାରୀ ଶରତ ଋତୁର ସଂଧ୍ୟା କାଳରେ ସ୍ୱଗୃହର ଝରକା ପାଖରେ ବସି ଆକାଶରେ ଉଇଁ ଆସିଥିବା ଚିହ୍ନକୁ ଦେଖି ଭାବାବେଶରେ ନିମଜ୍ଜିତ ହୋଇ ଯାଇଥିଲେ ।

ଗ) ସୂର୍ଯ୍ୟ ପଶ୍ଚିମ ଆକାଶରେ ଆସ୍ତେ ଆସ୍ତେ ଲୁଚିଗଲା ବେଳେ ପକ୍ଷୀମାନେ ସଂଧ୍ୟା ଆଗମନରେ ଗୀତ ଗାଇଗାଇ ସ୍ୱବସାକୁ ଫେରନ୍ତି । ପୃଥିବୀରେ ଅନ୍ଧାର ଚତୁର୍ଦ୍ଦିଗରୁ ମାଡ଼ି ଆସେ ।

ଘ) କର୍ଦ୍ଦମାକ୍ତ ପଙ୍କ ମଧ୍ୟରେ ସୁନ୍ଦର ପଦ୍ମ ଫୁଲଟିର ସୃଷ୍ଟି । ସେହିପରି ସମୁଦ୍ରରେ ଥିବା ଶାମୁକା ମଧ୍ୟରେ ମୂଲ୍ୟବାନ ମୁକ୍ତାର ସୃଷ୍ଟି ହୋଇଥାଏ ।

ଙ) ଶେଫାଳି ଫୁଲ ଏତେ କ୍ଷୁଦ୍ର ଶରୀର ଧରି ଯଦି ତାର ସୁନ୍ଦର ଓ ସୁମହତ ପ୍ରକାଶ ହୋଇପାରିଲା ଏବଂ ଭଗବାନଙ୍କ ସୃଷ୍ଟିର ସଫଳତା ଆଣିପାରିଲା, ତେବେ ସୃଷ୍ଟିର ଶ୍ରେଷ୍ଠ ଜୀବ ମଣିଷ ହୋଇ କାହିଁକି ନିରାଶ ହେବେ ।

## ୧୪.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

| | | |
|---|---|---|
| କ) ଗଛରେ | ଖ) କୁନ୍ତଳା କୁମାରୀ | ଗ) ପକ୍ଷୀମାନେ |
| ଘ) କୋଇଲି | ଙ) ପଙ୍କରୁ | ଚ) ବିଜୁଳି |

•••



ଟିପ୍ପଣୀ

# ୧୫
# ଗ୍ରାମପଥ

ବିନୋଦଚନ୍ଦ୍ର ନାୟକ

## ୧୫.୧ କବିତାର ପୃଷ୍ଠଭୂମି

ଗାଁରୁ ଯିବା ଆସିବା ପାଇଁ ପ୍ରତ୍ୟେକ ଗାଁରେ ପଥ ବା ସଡ଼କ ଥାଏ । ଏହି ପଥ ଦେଇ ଗ୍ରାମବାସୀମାନେ ଯିବା ଆସିବା କରନ୍ତି । ଏହି ମାଟି ରାସ୍ତା ବା ପଥ ଗାଁ ପାଇଁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଏହି ଗ୍ରାମପଥ ଦେଇ ନବବଧୂ ଗାଁକୁ ଆସେ । ପୁଣି ମୃତ୍ୟୁବେଳକୁ ଶବହୋଇ ଏହି ପଥରେ ଗ୍ରାମ ଶ୍ମଶାନକୁ ଯାଏ । ଏହା ଏକ ସାଧାରଣ କଥା । ମାତ୍ର କବିଙ୍କ ମାନସ ପଟରେ ଏହି ଗ୍ରାମପଥ ଅପୂର୍ବ ସମ୍ମୋହନ ସୃଷ୍ଟି କରିଛି । ଗ୍ରାମପଥ କବିତାରେ କବି ବାଲ୍ୟକାଳର ସେହି ଜନ୍ମମାଟି ଗାଁର କଥା ସ୍ମରଣ କଲାବେଳେ ଗ୍ରାମପଥର ମାର୍ମିକ କଥା ଉଲ୍ଲେଖ କରିଛନ୍ତି ।

## ୧୫.୨ କବିତାର ଆଭିମୁଖ୍ୟ

'ଗ୍ରାମପଥ' କବିତାରେ କବି ଗ୍ରାମ୍ୟ ଜୀବନଚିତ୍ର ମଧ୍ୟରେ ଗ୍ରାମପଥର ଦୃଶ୍ୟ ବର୍ଣ୍ଣନା କରିଛନ୍ତି । ଏହାଦ୍ୱାରା ପାଠକ/ପାଠିକାଙ୍କ ମନରେ ନିଜର ଗ୍ରାମ୍ୟଜୀବନ ଗଭୀର ହେବ । ବାଲ୍ୟଜୀବନର ସ୍ମୃତି ମନେ ପଡ଼ିବ । ଦୈନନ୍ଦିନ ଗ୍ରାମ ଜୀବନର ଚିତ୍ର ଏହି କବିତାରେ ଅତି ବାସ୍ତବ ଭାବରେ ଅଙ୍କିତ ହୋଇଛି, ଯାହାକୁ ସହଜରେ ଅନୁଭବ କରିହେବ । ଛାତ୍ରଛାତ୍ରୀମାନେ ଗ୍ରାମ୍ୟଦୃଶ୍ୟ ସଂପର୍କରେ ଏକ ମୂଳ ଧାରଣା ଆଣିବାକୁ ମଧ ସକ୍ଷମ ହେବେ ।

## ୧୫.୩ ମୂଳ ପାଠ

॥ ୧ ॥

ଦୂରେ ତାଳବଣ ଆକାଶେ ଶୁଣାଏ
ମାଟିର କବିତା କି ସେ
ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ ।
କ୍ଷେତ ପରେ କ୍ଷେତ
କାଶଫୁଲ ଆଉ
ବେଣୀରେ ଜଟିଳା ପାଟ,
ପାଟ ପରେ ବଣ ବଣ ପାରି ହେଲେ
ମାମୁଘର ଗାଆଁ ଦିଶେ ।

॥ ୨ ॥

ପଥର ସେ ପାଖେ ବୁଣା ହରଡ଼ ଓ ବୁଟ
ଆଗରେ ଚାରଣପଡ଼ିଆ ଗୋରୁର ଗୋଠ
ଶିମୁଳି ଶାଖାରେ
ବାହୁନେ କପୋତୀ
'ଉଠ୍ ପୁତ ଉଠ୍ –
ଉଠ୍ ପୂରିଲାଣି ମାଣ'
ଏ ପାଖେ କଇଁର ପୋଖରୀ ଗାଧୁଆ ତୁଠ ।





॥ ୩ ॥

ଭୁଆସୁଣୀ ମାଜେ ପାଦର ପାହୁଡ଼ ଏଥି
ମୁକୁଳା ବେଣୀରେ ପଖାଳେ ଦେଇଣ ମେଥି,
ନଣନ୍ଦ ତାହାର
ଅଧିକ ଚତୁରୀ
ଗାଲରେ ହଳଦୀ ମାଖେ
ହଲିଲା ପାଣିରେ ମୁହଁର ଛାଇକି ଦେଖି ।

॥ ୪ ॥

ପୋଇଶାଗ ଆଉ ପାଣିକଖାରୁର ଲତା
ମାଡ଼ି ମାଡ଼ି ଆସି ଟପିଲାଣି ଘର ମଥା
ସଜନାର ଶାଖୁଁ
ଝରିପଡ଼େ କେତେ ଫୁଲ
ବାଡ଼ ଦେହେ ପୁଣି ଅପରାଜିତାର ଛଟା ।

॥ ୫ ॥

ସେଇ ପଥେ ଫେରେ ଗ୍ରାମବଧୂ ସାରି
ସକାଳ ସ୍ନାହାନ ଏକା
ଧୂଳିରେ ଆଙ୍କି ସଜଳ ଚରଣ ରେଖା
ମାଆ ବୋଲି ଥରେ
ଡାକିବାକୁ ପ୍ରାଣ ଲୋଡ଼େ,
ପୃଥିବୀର ସମ ସହନଶୀଳା ସେ
ଅସୀମ କରୁଣାବତୀ
ନୟନ ଶତେକ ଯୁଗର ବେଦନା ଲେଖା ।

॥ ୬ ॥

ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ
ଲେଉଟ ପଥକୁ ନୂତନା ଘରଣୀ
ଆକୁଳେ ଅନାଇ ଥାଏ ।
କି ବାରତା ତାରେ ଆଣେ
କିଏ ଜାଣେ
ଅଧାର ଲୋଭୀ ଏ କାକ !
ଏ ଗ୍ରାମଦେବତୀ
ସେ ବ୍ୟଥା ବୁଝେ କି ହାୟ !







॥ ୭ ॥

ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି କୁକୁର ମମତା ମୁଖର ମଧୁ
ପୁଅ ଝିଅ ନାତି ନାତୁଣୀରେ ରଖି
ମଶାଣି ଏ ପଥେ ଫେରେ
ଆସିବା ଜନର ସାକ୍ଷୀ ଏ ପଥ
ଫେରିବା ଜନର ବନ୍ଧୁ ।

॥ ୮ ॥

ଜହ୍ନ ଏ ପଥେ ଢାଳଇ ରଜତ ମାୟା
କୁମାରୀ ଦଳର ମିଳିତ କଣ୍ଠୁ
ସଙ୍ଗୀତ ଉଠେ ଆହା,
ଧାନକ୍ଷେତେ ତଳେ
କୃଷକ ତରୁଣ
ରାତ୍ରି ଶୟନ ପାଇଁ
ପ୍ରାନ୍ତର ଡେଇଁ ଧାଏଁ ଦେଖ ଦେଖ
ଭସାଣି ମେଘର ଛାୟା ।

॥ ୯ ॥

ଧୂଳିଘର ଛାଡ଼ି ଏ ପଥେ ଚଳଇ
ଶାଶୁଘର ଗାଆଁ ଝୁଅ
ମାଆର ପଣତେ ବନ୍ୟା ରଚଇ
ଅମାନିଆ ଆଖିଲୁହ
ଏ ପଥର ସ୍ମୃତି ଚେତନା ଲେଖଇ
ସେ କେଉଁ ଜନମ କଥା ।
ଛାତି ଫାଟିଯାଏ କ୍ରନ୍ଦନେ ତାର
ବିଧାତା କିପାଇଁ ଏ ବିଧାନ କଲା କୁହ ।

॥ ୧୦ ॥

ଶ୍ୟାମ ପ୍ରାନ୍ତରେ ଉଲଙ୍ଗ ଶିଶୁ ସମ
ଏ ପଥା ଘୁମାଏ
ନୀଳନରେ ଯଥା
ଛାୟାପଥ ମନୋରମ ।
ଗ୍ରାମ ଝରଣାରେ
ଲଙ୍ଘି ଏ ପଥ
ସରଗ ସୀମାକୁ ଧାଏଁ,
ସନ୍ନ୍ୟାସୀ ସେ କି ବିତରି କରୁଣା ଧନ ।

॥ ୧୧ ॥

ବନ୍ଦନା ତତେ କରଇଁରେ ଗ୍ରାମପଥ !
ବାଳକ ବେଳର ହେ ମୋ ପ୍ରିୟ ସାଥି
    ଅୟୁତ ଦଣ୍ଡବତ,
ତରୁଣ ଦିନର
    କେଳିକୁଞ୍ଜ, ତୋ -
    ତନୁ କର୍ପୂର ରେଣୁ,
ତୋର ବେଣୁବନ ବିତାନେ ମୁଁ ଆଜି
କ୍ଳାନ୍ତ ଦିବସ ଯାପନରେ ଉପଗତ ।

॥ ୧୨ ॥

ଭିକ୍ଷାଶୀ ପ୍ରାଣ ପୀଡ଼େ ମତେ ଅହରହ
ପାଥେୟ ବିହୀନ ପଥିକ ମୁଁ ମଣେ
    ଯାତ୍ରା ଏ ଦୁରୁବହ,
ଖଇ ଓ ତୂଳାରେ ଶୁଭ୍ର କରି ତୋ ତନୁ
ରାମ ନାମ ସତ ମନ୍ତ୍ରେ ଚଳିବି
    ତୋ ତୀର ଶ୍ମଶାନେ
    କେବେ କହ କେବେ କହ ।

## ୧୫.୪ କବିତାର ସାରାଂଶ

ଗାଁକୁ ସଂଯୋଗ କରୁଥିବା ବାଟ ବା ପଥକୁ ଗ୍ରାମପଥ କୁହାଯାଏ । ଏହି ଗ୍ରାମପଥର ପାର୍ଶ୍ୱରେ ଗ୍ରାମ୍ୟର ବାସ୍ତବ ଦୃଶ୍ୟ ଦେଖାଯାଏ । ଗ୍ରାମପଥକୁ ଲାଗି ଦୁଇ ପଟରେ କ୍ଷେତ ଥାଏ । ଏହି ଗ୍ରାମପଥ କଡ଼େ କଡ଼େ କାଶତଣ୍ଡୀ ଫୁଲ ଫୁଟିଥାଏ । ପୁଣି ସେହି ଦିଗନ୍ତ ବିସ୍ତାରୀ ଧାନ କ୍ଷେତ ପରେ ମାମୁଘର ଗାଁ ଦେଖାଯାଏ । ଗ୍ରାମପଥର ଗୋଟାଏ ପଟରେ ଗୋରୁ ଗୋଠ, ଏପଟେ ପୋଖରୀ ତୁଠ ଅନ୍ୟପଟରେ କ୍ଷେତରେ ଚଣା ହରଡ ବୁଟ ବୁଣା ଯାଇଥାଏ ।

ଗାଁ ପାଖ ପୋଖରୀକୁ ଗାଧୋଇବାକୁ ନିତି ଗାଁ ଭୁଆସୁଣୀମାନେ ଆସନ୍ତି । ନଣନ୍ଦ ପୋଖରୀ ତୁଠ ପଥରରେ ବସି ଦେହରେ ହଳଦି ଲଗାଏ । ଗାଁ ଭିତରେ ଚାଳଘର ମଥାଣରେ ପାଣି କଖାରୁ, ପୋଇ ଶାଗ ଲତା ମାଡ଼ିଥାଏ । ଘର ବାଡ଼ରେ ଅପରାଜିତ ଛଟା ମାଡ଼ିଥାଏ । ଏହି ଗ୍ରାମପଥ ଦେଇ ଗ୍ରାମବଧୂ ସକାଳର ଗାଧୁଆ ସାରି ଘରକୁ ଫେରେ । ପୁଣି ଗାଁ ପୁଅ ବିଦେଶକୁ ଯାଏ ଏବଂ ତା'ର ଫେରିବା ବାଟକୁ ତା'ର ନବବଧୂ ଆକୁଳରେ ଅନାଇ ରହିଥାଏ । ସେହି ନବବଧୂ କାଉ କି ବାରତା ଆଣିବ ଅପେକ୍ଷା କରିଥାଏ । ଶାଶୁଘରକୁ ନବବଧୂଟି ଆସି ଏଇ ଗାଁରେ ତା'ର ସାରା ଜୀବନ ବିତାଇଥାଏ । ପୁଅ ଝିଅ, ନାତି ନାତୁଣୀଙ୍କ ମେଳରେ ତା'ର ଜୀବନ ସରିଯାଏ ଏବଂ ମୃତ୍ୟୁ ପରେ ଶଶ୍ମାନକୁ ଏହି ଗାଁ ପଥ ଦେଇଯାଏ । କବିଙ୍କ ଦୃଷ୍ଟିରେ ଏସବୁର ସାକ୍ଷୀ ହେଉଛି ଗ୍ରାମପଥ ।

ଜହ୍ନରାତିରେ କୁମାରୀମାନଙ୍କ ମିଳିତ କଂଠରେ ଗ୍ରାମପଥ ପୂରି ଉଠେ । ଧାନ କ୍ଷେତରେ ତରୁଣ କୃଷକ ରାତିରେ ଶୋଇବା ପାଇଁ ଯାଏ । ଗାଁରେ ବଢ଼ିଥିବା ଝିଅ ତା'ର ପ୍ରିୟ ଧୂଳିଘର ମାୟା ଛାଡ଼ି ବିବାହ କରି ଶାଶୁଘରକୁ ଏଇ ଗ୍ରାମପଥ ଦେଇ ଯାଏ । ଶାଶୁଘରକୁ ଗଲାବେଳେ ମାଆର ଅମାନିଆ ଲୁହ ଝରି ପଣତକାନିରେ ଶୁଖିଯାଏ । ଝିଅ ନିଜଘର ଛାଡ଼ି ଶାଶୁଘରକୁ ଗଲାବେଳେ ଗାଁ କଥା ମନେ ପଡ଼ି ତା' ଆଖିରେ ଲୁହ ଆସେ । ପ୍ରତ୍ୟେକ ଝିଅ ପାଇଁ ଏହା ବିଧିର ବିଧାନ । ଗାଁ ଝରଣା ଆହୁରି ମନୋରମ ଦୃଶ୍ୟ ସୃଷ୍ଟି କରେ ।

ଶେଷରେ କବି ନିଜ ଗ୍ରାମର ସେହି ଗ୍ରାମପଥ ଏବଂ ଗ୍ରାମ୍ୟଜୀବନ କଥା ମନେ ପକାଇ ବିଷାଦିତ ହେଉଛନ୍ତି । ଗ୍ରାମ୍ୟଜୀବନ ପ୍ରତି କବିଙ୍କ ଅହେତୁକ ମୋହ ରହିଥିବାର ଦେଖାଯାଏ ।

## ୧୫.୫ କବିପରିଚୟ

ପ୍ରାକ୍ ସ୍ୱାଧୀନତା କାଳର କବି ବିନୋଦ ଚନ୍ଦ୍ର ନାୟକ ସୁନ୍ଦରଗଡ଼ ଜିଲ୍ଲାର ବାମଡ଼ା ନିକଟବର୍ତ୍ତୀ ତେଲିପାଳ ଗ୍ରାମରେ ୧୯୧୯ ମସିହାରେ ଜନ୍ମଗ୍ରହଣ କରିଥିଲେ । ଜଣେ ବାସ୍ତବବାଦୀ ରୋମାଣ୍ଟିକ୍ କବି ଭାବରେ ଏହି କବିଙ୍କ କାବ୍ୟ ଚେତନାର ଉନ୍ମେଷ ବିକଶିତ ହୋଇଥିଲା ସ୍ୱାଧୀନତା ପରବର୍ତ୍ତୀ ସମୟରେ । ଗ୍ରାମ୍ୟ ଜୀବନ ପ୍ରତି ଗଭୀର ଆସକ୍ତି ତାଙ୍କ କବିତାର ମୁଖ୍ୟ ବୈଶିଷ୍ଟ୍ୟ । ତାଙ୍କ କବିତାର ଆଙ୍ଗିକ ଯେମିତି ଗୀତିମୟ, ସେମିତି ଗଦ୍ୟାତ୍ମକ । 'ସରୀସୃପ' କବିତା ପୁସ୍ତକ ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଏହି କବିଙ୍କ ରହିଛି ଅନେକ କବିତା ଗ୍ରନ୍ଥ । ଚନ୍ଦ୍ର ଓ ତାରା, ଇଳାବୃତ୍ତ, ସାତତାରାର ଦ୍ୱୀପ, ନୀଳଚନ୍ଦ୍ରର ଉପତ୍ୟକା ଇତ୍ୟାଦି ତାଙ୍କର ବହୁଚର୍ଚ୍ଚିତ କାବ୍ୟ ପୁସ୍ତକ । ତାଙ୍କ କବିତାରେ ଜୀବନର ଶାନ୍ତ, ସରଳ, ନିଷ୍କପଟ, ହସ କାନ୍ଦଭରା ଜୀବନ ଚିତ୍ର ଦେଖିବାକୁ ମିଳେ । ପଲ୍ଲୀ ଦୃଶ୍ୟର ବର୍ଣ୍ଣନା ସହିତ ସଂସ୍କୃତିର ଜୟଗାନ ମଧ୍ୟ ତାଙ୍କ କବିତାରେ ଦେଖାଯାଏ । ସେ ୨୦୦୩ ମସିହାରେ ମୃତ୍ୟୁବରଣ କରିଥିଲେ ।

## ୧୫.୬ କଠିନ ଶବ୍ଦାର୍ଥ

ଗୋରୁ ଗୋଠ - ଗୋରୁମାନଙ୍କୁ ଯେଉଁଠି ଗାଈଆଳ ପିଲା ଏକାଠି କରି ରଖେ ।

| | |
|---|---|
| ଚାରଣ ପଡ଼ିଆ - ଚରା ପଡ଼ିଆ | ବାହୁନିବା- କାନ୍ଦିବା |
| ଭୁଆସୁଣୀ - ବିବାହିତା ସ୍ତ୍ରୀଲୋକ | ମାଖେ - ଲଗାଇ ହେବା |
| ଗ୍ରାମବଧୂ - ଗାଁର ବୋହୂ | ସ୍ନାହାନ - ଗାଧୁଆ |
| ନୟନ - ଆଖି | ଶ୍ୟାମ - ଶ୍ୟାମଳ |
| ନୀଳ ନଭେ - ନୀଳ ଆକାଶେ | ମନୋରମ - ସୁନ୍ଦର |
| ଲଘି - ପାର ହୋଇ | ପୀଡ଼େ - କଷ୍ଟ ଦିଏ |

## ୧୫.୭ ଭାବ ଅବବୋଧ

i) ପୃଥିବୀ ସମ ସହନଶୀଳା ସେ
ଅସୀମ କରୁଣାବତୀ
ନୟନ ଶତେକଯୁଗର ବେଦନା ଲେଖା ।

**ଭାବାର୍ଥ**

ଗ୍ରାମବଧୂ ଯିଏ ଏଇ ଗ୍ରାମପଥ ଦେଇ ସକାଳୁ ସ୍ନାନସାରି ଘରକୁ ଫେରେ ତାରି ଗୁଣ ସଂପର୍କରେ କବି କହିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ ସେ ପୃଥିବୀ ପରି ସହନଶୀଳା । ପୃଥିବୀ ଉପରେ ଆମେ ଯେତେ ଅତ୍ୟାଚାର କଲେ ମଧ୍ୟ ସେ ଯେପରି କୌଣସି ପ୍ରତିବାଦାନ କରି ସବୁ ସହିଯାଏ, ସେହିପରି ଗୁଣର ଅଧିକାରିଣୀ ଏ ଗାଁର କୁଳବଧୂ । ସେ ମଧ୍ୟ ଅସୀମ ଭାବରେ କରୁଣାବତୀ । ସମସ୍ତଙ୍କ ପ୍ରତି ତାର ଦୟା, କରୁଣା ରହିଥାଏ ।

ii) ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ
ବିତରି ବୁକୁର ମମତା ମୁଖର ମଧୁ ।

**ଭାବାର୍ଥ**

ନବବଧୂଟି ଯେତେବେଳେ ଗାଁକୁ ବୋହୂ ବେଶରେ ଆସେ, ସେତେବେଳେ ସେ ଜାଣେ ତା’ ଶାଶୁଘର ସ୍ୱର୍ଗ । ସାରାଜୀବନ ତାକୁ ଏଠାରେ ବିତାଇବାକୁ ପଡ଼ିବ । ସେ ଶାଶୁଘରେ ସମସ୍ତଙ୍କୁ ନିଜର ମମତାର ବନ୍ଧନରେ ଏପରି ବାନ୍ଧି ଦିଏ ଯେ ସମସ୍ତେ ତାକୁ କେବେ ଭୁଲ ବୁଝନ୍ତି ନାହିଁ । ମନରେ ଦୁଃଖ ଥିଲେ ମଧ୍ୟ ମୁହଁରେ ହସ ରଖି ଅନ୍ୟମାନଙ୍କ ସହିତ କଥା ହୁଏ । ନବବଧୂଟିର ମହନୀୟତାକୁ ଏଠାରେ ଉଲ୍ଲେଖ କରାଯାଇଛି ।

iii) ଆସିବା ଜନର ସାକ୍ଷୀ ଏପଥ
ଫେରିବା ଜନର ବଂଧୁ ।

**ଭାବାର୍ଥ**

ମଣିଷ ଜନ୍ମ ହୁଅନ୍ତି ମରନ୍ତି । ଗାଁକୁ ଆସନ୍ତି ପୁଣି ଯାଆନ୍ତି । ମାତ୍ର ଗାଁର ସେହି ଗ୍ରାମପଥ ସେମିତି ରହିଥାଏ । କେତେ ଲୋକ ଗଲେଣି, କେତେ ଲୋକ ଆସିଲେଣି, ମାତ୍ର ଗ୍ରାମପଥ ସମସ୍ତଙ୍କର ଯିବା ଆସିବାର ମୂଳ ସାକ୍ଷୀହୋଇ ରହି ସବୁ ଦେଖୁଥାଏ । ଯେଉଁମାନେ ଏ ଗ୍ରାମପଥ ଦେଇ ବିଦେଶକୁ ଆସନ୍ତି ସେମାନଙ୍କ ସ୍ମୃତିରେ ଗ୍ରାମପଥ ସାଥିପରି ଅଭୁଲା ହୋଇ ରହିଯାଏ । ଏହି ଅର୍ଥରେ କବି ଗ୍ରାମପଥକୁ ଗ୍ରହଣ କରିଛନ୍ତି ।

iv) ବନ୍ଦନା ତୋତେ କରଇରେ ଗ୍ରାମପଥ
ବାଳକ ବେଳର ହେ ମୋର ପ୍ରିୟ ସାଥି
ଅୟୁତ ଦଣ୍ଡବତ ।

### ଭାବାର୍ଥ

କବି ବିନୋଦ ନାୟକଙ୍କ ପିଲାବେଳ ଗାଁରେ କଟିଥିଲା । ଯେଉଁ ଗାଁରେ ସେ ଜନ୍ମଗ୍ରହଣ କରିଥିଲେ । ପରେ ସେ ପାଠ ପଢ଼ି ଗାଁ ଛାଡ଼ି ସହରକୁ ଚାଲି ଆସିଛନ୍ତି । ମାତ୍ର ଗାଁର ସ୍ମୃତି ଗାଁର ଦୃଶ୍ୟକୁ ସେ ଭୁଲି ପାରି ନାହାନ୍ତି । ସହରରେ ରହି ପିଲାଦିନର ସେହି ପ୍ରିୟ ଗ୍ରାମପଥକୁ ମନେ ପକାଇ ଅତୀତକୁ ଦୃଷ୍ଟି ଫେରେଇଛନ୍ତି । ଏଇ ଗ୍ରାମପଥରେ କବିଙ୍କ ବାଲ୍ୟକାଳ ଅତି ମଧୁମୟ ହୋଇ କଟିଥିଲା । ତେଣୁ ସେହି ଗ୍ରାମପଥ କବି ଦୃଷ୍ଟିରେ ହୋଇଛନ୍ତି ବନ୍ଦନୀୟ । ସେହି ବନ୍ଦନୀୟ ଗ୍ରାମପଥକୁ ସେ ଶତ ଶତ ପ୍ରଣାମ ବା ଦଣ୍ଡବତ କରିଛନ୍ତି ।

## ୧୫.୮ ପାଠାନ୍ତ ପ୍ରଶ୍ନ (ଦୀର୍ଘ)

କ) ‘ଗ୍ରାମପଥ’ କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି ?

ଖ) ‘ଗ୍ରାମପଥ’ କବିତାରୁ ଗ୍ରାମ୍ୟଚିତ୍ର ବର୍ଣ୍ଣନା କର ।

ଗ) ‘ଗ୍ରାମପଥ’ କବିତାରୁ କବିଙ୍କର ଗ୍ରାମ୍ୟ ଜୀବନରେ ଥିବା ଅନୁଭବ ବର୍ଣ୍ଣନା କର ।

ଘ) ‘ଗ୍ରାମପଥ’ କବିତାରେ କବିଙ୍କର କବିପ୍ରାଣର ପରିଚୟ ଦିଅ ।

## ପାଠାନ୍ତ ପ୍ରଶ୍ନ (ସଂକ୍ଷିପ୍ତ)

କ) ମାମୁଘର କିପରି କେଉଁଠାରୁ ଦେଖାଯାଏ ?

ଖ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

ଗ) ଗ୍ରାମବଧୂ କିପରି ସ୍ନାନକରି ଫେରେ ?

ଘ) କିଏ ଏହି ଗ୍ରାମପଥ ଦେଇ ବିଦେଶ ଯାଏ ଏବଂ କିଏ ତା’ର ଫେରିବା ବାଟକୁ ଚାହିଁ ରହେ ?

ଙ) କବି କାହାକୁ ବନ୍ଦନା କରିଛନ୍ତି ଓ ଦଣ୍ଡବତ କରିଛନ୍ତି, କାହିଁକି ?

## ୧୫.୯ ବିଷୟ ବୋଧଗତ ପ୍ରଶ୍ନ

**ବନ୍ଧନୀ ମଧ୍ୟରୁ ଠିକ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର-**

i) ଗ୍ରାମଘର କଡ଼େ କଡ଼େ କ’ଣ ଥାଏ ? (କ୍ଷେତ, ନଈ, ପର୍ବତ)

ii) ଭୁଆସୁଣୀ କେଉଁଠାରେ ସ୍ନାନ କରେ ? (ଗାଁ ପୋଖରୀ, ନଦୀ, ନାଳ)

iii) ପୃଥିବୀ ପରି କିଏ ସହନଶୀଳ ? (ଗ୍ରାମବଧୂ, ସହରିଆ ବଧୂ, ବାଳିକା)

iv) ଧୂଳିଘର ଛାଡ଼ି ଶାଶୁଘରକୁ କିଏ ଯାଏ ? (ଗାଁ ଝିଅ, ଗାଁ ପୁଅ, ଗାଁ ମଣିଷ)

v) କିଏ ଗଲାବେଳେ ମା’ ଛାତି ଫଟାଇ କାନ୍ଦେ ? (ଝିଅ, ବାପା, ଭାଇ, ଭଉଣୀ)

## ୧୫.୧୦ ପାଠାନ୍ତ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର

**କ)** ଗ୍ରାମପଥର ଦୁଇ ପାଖରେ ବିସ୍ତୃତ କ୍ଷେତ ଥାଏ । ଏହି କ୍ଷେତ ଲମ୍ବିଥାଏ ବହୁଦୂରକୁ । ତା'ପରେ ମାମୁଘର ଗାଁ ଦୂରରୁ ଦେଖାଯାଏ ।

**ଖ)** ଗାଁ ଭୁଆସୁଣୀମାନେ ଗ୍ରାମପଥ ଦେଇ ପୋଖରୀକୁ ଆସନ୍ତି । ପୋଖରୀ କୂଳରେ ପଡ଼ିଥିବା ଘଷା ପଥରରେ ପାହୁଡ଼ ମାଜନ୍ତି । ମେଥିଦେଇ ମୁକୁଳା ବେଣୀକୁ ଧୂଅନ୍ତି ।

**ଗ)** ସକାଳୁ ସକାଳୁ ଗ୍ରାମବଧୂ ଗାଁ ପୋଖରୀକୁ ସ୍ନାନ କରିବାକୁ ଯାଏ ଏବଂ ସେଇ ଗ୍ରାମପଥ ଦେଇ ଏକାଏକା ଘରକୁ ଫେରେ । ଫେରିଲାବେଳେ ଗାଁ ଦାଣ୍ଡ ଧୂଳିରେ ନବବଧୂଟିର ଓଦା ପାଦ ପଡ଼ି ପଦଚିହ୍ନ ଆଙ୍କି ହୋଇ ଯାଏ ।

**ଘ)** ବିଦେଶରେ ଚାକିରୀ କରିବାପାଇଁ ଗାଁ ପୁଅ ଏହି ଗ୍ରାମପଥରେ ବିଦେଶ ଯାଏ । ବିଚାରୀ ତା'ର ନବବିବାହିତା ସ୍ତ୍ରୀଟି ସ୍ୱାମୀ କେବେ ଘରକୁ ଫେରିବ ସେଥିପାଇଁ ଆକୁଳ ମନରେ ଅପେକ୍ଷା କରିଥାଏ ।

**ଙ)** କବି ଗାଁରେ ଜନ୍ମ ହୋଇ ସେଠାରେ ତାଙ୍କର ବାଲ୍ୟଲୀଳା କାଟିଥିଲେ । ପରେ ସହରକୁ ଆସିବା ପରେ ଗାଁ କଥା ମନେ ପକାଇଲାବେଳେ ସେହି ଅଭୁଲା ଗ୍ରାମପଥ କଥାକୁ ସ୍ମରଣ କରିଛନ୍ତି । ଯେଉଁ ଗ୍ରାମପଥ ଅନେକ ଲୋକଙ୍କ ଜନ୍ମ ମୃତ୍ୟୁର, ଯିବା ଆସିବାର ମୂକସାକ୍ଷୀ । ତାକୁ ଆଦରରେ କବି ବନ୍ଦନା କରିବା ସହିତ ଦଣ୍ଡବତ ଜଣାଇଛନ୍ତି ।

## ୧୫.୧୧ ବିଷୟ ବୋଧଗତ ପ୍ରଶ୍ନର ଉତ୍ତର

i)କ୍ଷେତ ii)ଗାଁ ପୋଖରୀ iii)ଗ୍ରାମବଧୂ,
iv)ଗାଁ ଝିଅ v)ଝିଅ

•••